# ଶ୍ରୀକୃଷ୍ଣଙ୍କ

# ଜନ୍ମାଷ୍ଟମୀ ବ୍ରତ



# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବ୍ରତ

## ପ୍ରଥମ ଅଧ୍ୟାୟ

### ପୃଥିବୀ ବିକଳେ ବ୍ରହ୍ମାଦି ଦେବଗଣଙ୍କର ବିଷ୍ଣୁଙ୍କୁ ସ୍ତବ

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ ।।
ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ ।
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବ ।।
ନିଗମକଳ୍ପତରୋର୍ଗଳିତଂ ଶୁକମୁଖାଦମୃତଦ୍ରବ୍ୟ ସଂଯୁକ୍ତଂ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକାଭୁବିଭାବୁକାଃ ।।

ବନ୍ଦଇ ଦେବ ଲମ୍ବୋଦର । ପାଶ ଅଙ୍କୁଶ ବେନିକର ।।
ପୃଥୁଳ ଜଠର ସୁନ୍ଦର । ଗଜ ବଦନ ଗଣେଶ୍ୱର ।।
ଯାଙ୍କ ଆରମ୍ଭେ ହୋଇ ପୂଜା । ଭଉରୀ କଣ୍ଠେ ନାଗରାଜା ।।
ଶ୍ୟାମସୁନ୍ଦର ଭଲ ବର୍ଣ୍ଣ । ଅଶେଷ ବିଘ୍ନ ବିନାଶନ ।।
ତୋର ମହିମା ମୁଖେ କହି । କେ ଅଛି ନର ଦେହ ବହି ।।
କର ସୁଦୟା ଗଣନାଥ । କହିବି ଶ୍ରୀକୃଷ୍ଣ ଚରିତ ।।
ନମଇଁ ପ୍ରଭୁ ନରହରି । ହିରଣ୍ୟ କଶିପୁ ବିଦାରି ।।
ଉଦୟ ରବି ଜିଣି ତେଜ । ସୁନ୍ଦର ନୋହେ ଚତୁର୍ଭୁଜ ।।
କୁଣ୍ଡଳ ଶଶୀ ଦିନକର । ନକ୍ଷତ୍ର ମାଳ ହୃଦେ ହାର ।।
ବ୍ରହ୍ମାଣ୍ଡ ମାଳ ମାଳ ହୋଇ । ତୋ ଲୋମ ମୂଳେଅଛନ୍ତି ରହି ।।
ଧର୍ମପାଳକ ତୁ ଜଗତେ । ଶରୀର ବହୁ ଭୃତ୍ୟ ହିତେ ।।
ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ।।
କର ସୁଦୟା ନରହରି । ତୋ ଲୀଳା କହିବି ବିସ୍ତାରି ।।

smarteduguide.com

ପରମ ମଙ୍ଗଳ ତୋ ନାମ । ଶ୍ରବଣେ ଖଣ୍ଡେ ବିଘ୍ନମାନ ॥
ବ୍ୟାସ କୁମର ପାଦ ଧରି । କହେ ପରୀକ୍ଷ ଦଣ୍ଡଧାରୀ ॥
ହେ ମୁନି ହୋଇବା ସଦୟେ । ମୋ ଚିତ୍ତ ରହୁ ତୋର ପାୟେ ॥
ପାଣ୍ଡବ କୁଳେ ମୋର ଜନ୍ମ । ମୋହର ବନ୍ଧୁ ଭଗବାନ ॥
ଦ୍ରୋଣ କୁମର ବାଣ ତ୍ରାସେ । ମରିବି କହିଗଲେ ବ୍ୟାସେ ॥
ତା ଶୁଣି ଜନନୀ ମୋହର । ଶରଣ ଗଲା ଚକ୍ରଧର ॥
ଗର୍ଭେ ପଡ଼ିଲା ଆସି ବାଣ । ମୋତେ ରଖିଲେ ନାରାୟଣ ॥
ତେଣୁ କୃଷ୍ଣର ଏ ଶରୀର । କିଣିଲା ସେବକ ମୁଁ ତୋର ॥
ତାର ଚରିତ କର୍ଣ୍ଣେ ଶୁଣି । ତରିବି ଭବ ତରଙ୍ଗିଣୀ ॥
ଶ୍ରୀକୃଷ୍ଣ ଲୀଳାର ଚରିତ । ମୁଖ ପଙ୍କଜୁ ତୋର ଜାତ ॥
କର୍ଣ୍ଣ ଯୁଗଳେ ପାନ କରି । ହେଲେ ତରିବି ଭବ ବାରି ॥
ପାଣ୍ଡବେ ଯାହାର ବିଶ୍ୱାସୁ । ଛଳିଲେ କୁରୁବଳ ତ୍ରାସୁ ॥
ବଛା ଚରଣେ ଯେହ୍ନେ ଜଳ । ହେଲେ ତରିଲେ କୁରୁବଳ ॥
ଯାହାର ଚରିତ ଗହନ । ଧ୍ୟାନେ ଭାବନ୍ତି ମୁନିଜନ ॥
ଭବ ସାଗର ପରମାଦ । ବିଷୟୀ ବିଷୟକୁ ଗଦ ॥
ଚଣ୍ଡାଳୁ ବ୍ରହ୍ମଯାଏ ଲୋକେ । କେ ଶୁଣି ହୋଇବ ବିମୁଖ ॥
ଅଶେଷ ଜନ୍ତୁ ହେଲେ ବହି । ଯେ କାଳ ରୂପେ ଛନ୍ତି ରହି ॥
ମାୟା ମନୁଷ୍ୟ ରୂପେ ଜାତ । ନିବେଦି କଲେ ମୃତାମୃତ ॥
ନବମସ୍କନ୍ଧେ ମୁହିଁ ଶୁଣି । ସେ କଥା ମନେ ମନେ ଗୁଣି ॥
ବିଚାରି କଲି ଭ୍ରମ ଚିତ୍ତ । ହେ ମୁନି କହିବା ତଦନ୍ତ ॥
ଶ୍ରୀ ଭାଗବତର ଏ ସିଦ୍ଧାନ୍ତ । ଅମୃତ ରସମୟ ଗୀତ ॥
ଯାଦବ କୁଳେ ଯଦୁବଂଶେ । ଜନ୍ମ ହୋଇଲେ ଦେବଅଂଶେ ॥
ନୀଳ ଧବଳ ରୂପ ଦୁଇ । ଦେବକୀ ଗର୍ଭେ ଜାତ ହୋଇ ॥
କେମନ୍ତେ ରୋହିଣୀର ସୁତ । ରାମଙ୍କୁ କହନ୍ତି ଜଗତ ॥
ବେନି ଉଦରେ ଏକ ଦେହ । ହେ ମୁନି ଫେଡ଼ିବା ସନ୍ଦେହ ॥
କେବଣ ହେତୁ ଭଗବାନ । ଗୁପତେ ଗଲେ ବୃନ୍ଦାବନ ॥
ଭକ୍ତଙ୍କୁ ତାରିବାର ଆଶେ । ରମିଲେ ବାଳକ ବିଶ୍ୱାସେ ॥

ପୁଣିହିଁ କେତେ ଦିନେ ହରି । ମିଳିଲେ ମଥୁରା ନଗରୀ ॥
ଜଗତ ଜନଙ୍କର ଗୁରୁ । ଯାହା ମହିମା ମହାମେରୁ ॥
କିମ୍ପା ଅନୀତି ଆଚରିଲେ । ସୋଦର ମଉଳା ମାଇଲେ ॥
ଏ କି ତାଙ୍କର ପରମାଣ । ଯାହାର ନାମ ନାରାୟଣ ॥
ମନୁଷ୍ୟ ରୂପେ ହୋଇ ଜନ୍ମ । କେତେ ବରଷେ ଭୋଗ କର୍ମ ॥
ଯାଦବ ସଂଗରେ ବିହରି । କେତେ କଳତ୍ର ଭୋଗକରି ॥
ଏ ଆଦି ଯେତେକ ଚରିତ । ଭୋ ମୁନି କହି ତୋଷ ଚିତ୍ତ ॥
ଦେଖ ମରଣ କାଳ ମୋର । ପ୍ରତ୍ୟକ୍ଷେ ତେଜିଲି ଆହାର ॥
ହରି ଚରିତ ସୁଧାବାରି । ତୋର ବଦନୁ ପାନ କରି ॥
ଜଗତ ସଂହାରିଣୀ କ୍ଷୁଧା । ସେ ମୋତେ ନ କରଇ ବାଧା ॥
ଶୁଣ ରାଜାର ସାଧୁକଥା । ସେହି ପଣ୍ଡିତ ସାମରଥା ॥
କୃଷ୍ଣ ଚରଣେ ଦେଇ ଚିତ୍ତ । କହନ୍ତି ଶୁଣ ଭାଗବତ ॥
ସାଧୁ ଚରିତ ତୋର ବୁଦ୍ଧି । କୃଷ୍ଣ ଚରଣେ ଚିତ୍ତ ଛେଦି ॥
ଗୋବିନ୍ଦେ ତୋର ମନ ଯେବେ । ମୁଁ କହି ପାରିବି କି ତୋତେ ॥
ଗୋବିନ୍ଦ ପ୍ରସଙ୍ଗ ବିଧାନ । ହେଲେ ତାରଇ ତିନିଜଣ ॥
ଶ୍ରୋତା ବକତା ସେ ପଚାରି । ଏ ତିନିଜଣ ଯାନ୍ତି ତରି ॥
ତା ପାଦେ ଗଙ୍ଗାଜଳି ଯେହ୍ନେ । ତାରଇ ସ୍ନାନ ପିଣ୍ଡଦାନେ ॥
ନାମ ମାତ୍ରକେ ପାପନାଶ । ତେଣୁ ମୋ ଚିତ୍ତ ପରକାଶ ॥
କହିବି କୃଷ୍ଣ ଲୀଳାମାନ । ରାଜନ ହୁଅ ସାବଧାନ ॥
ଅସୁର ବଳ ପାଦଭରେ । ଭୂମି କମ୍ପିଲା ଥରହରେ ॥
ଭାରରେ ଚଳି ନ ପାରଇ । ଅଧରୁ ରୁଧିର ବହଇ ॥
ଦିନକେ ବିଚାରଇ ବସି । କେ ମୋର ଶରୀର ଆଶ୍ୱାସି ॥
ଛାଡ଼ିବି ସଂସାର ଧାରଣ । ବ୍ରହ୍ମାରେ ପଶିବି ଶରଣ ॥
ମାୟା ସୁରଭି ରୂପ ହୋଇ । କାନ୍ଦଇ ଚଉଦିଗ ଚାହିଁ ॥
ବିଧାତା ନିକଟେ ମିଳିଲା । ନିଜ ବେଦନା ଜଣାଇଲା ॥
ବିଧାତା ଶୁଣି ତା ବିକଳ । ସଂଗେ ଘେନିଲେ ଦେବବଳ ॥
ଶଙ୍କର ହୋଇ ସର୍ବ ଆଗେ । ମିଳିଲେ କ୍ଷୀରସିନ୍ଧୁ ଭାଗେ ॥

ଜଳଧି କୂଳେ ଦେବଗଣ । ଡାକନ୍ତି ରଖ ନାରାୟଣ ।।
ଅନେକ ଧ୍ୟାନ ସ୍ତୁତି କଲେ । ହରି ସନ୍ଦେଶ ନ ପାଇଲେ ।।
ଅନେକ ମତେ କଲେ ଧ୍ୟାନ । ବ୍ରହ୍ମା ପାଇଲେ ମନେ ଛନ୍ନ ।।
ଅନନ୍ତ ନ ଦେଖି ବିଧାତା । ମନେ ପାଇଲେ ଗୁରୁ ଚିନ୍ତା ।।
ସମାଧି ବସିଲେ ତକ୍ଷଣ । ଚିନ୍ତିଲେ ଶ୍ରୀକୃଷ୍ଣ ଚରଣ ।।
ବ୍ରହ୍ମାର ଦେଖିଣ ବିକଳ । କରୁଣା କଲେ ଆଦିମୂଳ ।।
ନିଦ୍ରାର ବଳେ ନରହରି । ସ୍ୱପନେ କହିଲେ ମୁରାରୀ ।।
ବ୍ରହ୍ମାଙ୍କୁ ଦିଶିଲା ସ୍ୱପନ । କହନ୍ତି ପ୍ରଭୁ ଭଗବାନ ।।
ଶୁଣ ବଚନ ମୋର ଧାତା । ମୁଁ ଯେ ଜଗତ ପିତାମାତା ।।
ସକଳ ମୋହର ଭିଆଣ । କେବଳ ହେଲି ପରମାଣ ।।
ମୋର ବଚନ ଶିରେ ଧରି । ତୁ ଅଛୁ ଜଗତ ଆବୋରି ।।
ବେଦ ବିଚାରେ ସୃଷ୍ଟି ପାଳୁ । ମେଦିନୀ ଭାରେ କିମ୍ପା ଭାଳୁ ।।
ମୁଁ ତାହା ଜାଣଇ ଯେ ସର୍ବ । ନାଶିବି ଅସୁରଙ୍କ ଗର୍ବ ।।
ଏବେ ସକଳ ଦେବେ ଯାଅ । ମହୀମଣ୍ଡଳେ ଜାତ ହୁଅ ।।
ଯାଦବ ଆଦି ସପ୍ତବଂଶ । କଂସରେ ହୋଇବ ବିଶ୍ୱାସ ।।
ଗୋପୀ ଗୋପାଳ ରୂପେ ହୋଇ । ଗୋପେ ଜନ୍ମିଲେ ଦେହବହି ।।
ମୁଁ ଜାତ ବସୁଦେବ ଘରେ । ବଢ଼ିବି ଯାଇ ଗୋପପୁରେ ।।
ଷୋଳ ସହସ୍ର ଗୋପନାରୀ । ରମିବି ବୃନ୍ଦାବନେ ହେରି ।।
ଅନେକ ମାରିବି ଅସୁର । ଖଣ୍ଡିବି ଅବନୀର ଭାର ।।
ଭକ୍ତ ଜନଙ୍କୁ ଉଦ୍ଧାରିବି । ପୁଣି ହିଁ ନିଜ ରୂପ ହେବି ।।
ଏବେ ହୋ ଯାଅ ତୁ ସତ୍ୱର । କହିବୁ ଦେବଙ୍କ ଆଗର ।।
ଶୀଘ୍ର ହୁଅନ୍ତୁ ମର୍ତ୍ତ୍ୟେ ଜନ୍ମ । କହି ବୋଇଲେ ଅନ୍ତର୍ଦ୍ଧାନ ।।
ସ୍ୱପନ ଦେଖି ଦେବବର । କହିଲେ ଦେବଙ୍କ ଆଗର ।।
ଶୁଣି ଆନନ୍ଦେ ଦେବଗଣେ । ନମିଲେ ଧାତାର ଚରଣେ ।।
କହନ୍ତି ଶୁଣ ଦେବବର । ଯାହା କହିଲେ ଚକ୍ରଧର ।।
ଅବନୀ ମଧ୍ୟେ ଅବତରି । ଗୋପେ ଯାଦବେ ଦେହଧରି ।।
ହୋଇବୁଁ ଏ ଆମ୍ଭର ସତ୍ୟ । କି କି କହିଲେ ଜଗନ୍ନାଥ ।।

ସେ କଥା କହ ପ୍ରଜାପତି । ଶୁଣ ନିର୍ମଳ ହେଉ ମତି ॥
ବ୍ରହ୍ମା ବୋଇଲେ ଦେବେ ଶୁଣ । ଯାହା କହିଲେ ନାରାୟଣ ॥
ଯାଦବ ବସୁଦେବ ଘରେ । ଜନ୍ମିଲେ ଦେବକୀ ଉଦରେ ॥
ହରିର କଳା ଏ ଅନନ୍ତ । ଆଗେ ହୋଇଲେ ଗର୍ଭଗତ ॥
ମାୟାର ଯୋଗବଳେ ହରି । ଦେବକୀ ଗର୍ଭୁ ତାହା ହରି ॥
ରୋହିଣୀ ଗର୍ଭେ ତାହା ଥୋଇ । ଦାସବତ୍ସଳ ଭାବଗ୍ରାହୀ ॥
ଆପଣେ ପ୍ରଭୁ ଜଗନ୍ନାଥ । ଦେବକୀ ଗର୍ଭୁ ହେବେ ଜାତ ॥
ଦୁର୍ଗାଙ୍କୁ ଯଶୋଦାର କୋଳେ । ଜାତ କରିବେ ଯୋଗବଳେ ॥
ଏମନ୍ତେ ତାରିବେ ସଂସାର । ଦାସବତ୍ସଳ ଦାମୋଦର ॥
ଶୁଣିଣ ବିଧାତା ବଚନ । ଦେବେ ଆନନ୍ଦ କଲେ ମନ ॥
ଚାହିଁଲେ ଧରଣୀ ବଦନ । କହନ୍ତି ଧନ୍ୟ ତୋ ଜୀବନ ॥
ତୋର ଉପରେ ଚକ୍ରଧାରୀ । ମନୁଷ୍ୟ ଦେହେ ଅବତରି ॥
ନାଶିବେ ତୋର ଦୁଃଖରାଶି । ଆମ୍ଭେ ଦେଖିବୁ ବ୍ରହ୍ମରାଶି ॥
ମହୀ ଆଶ୍ୱାସି ଦେବଗଣ । ଚଳିଲେ ଯେ ଯାହା ଭୁବନ ॥
ଏବେ ହୋ ଶୁଣ ମହୀପତି । ଯେମନ୍ତେ କଲେ ଲକ୍ଷ୍ମୀପତି ॥
ହରି ଚରଣେ ଦେଇ ଚିତ୍ତ । କହଇ ବିପ୍ର ଜଗନ୍ନାଥ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ଦଶମସ୍କନ୍ଧେ ଦେବାଃ କ୍ଷୀରଦାର୍ଣ୍ଣବ ଗମନେ
କୃଷ୍ଣ ପ୍ରସଙ୍ଗେ ନାମ ପ୍ରଥମୋଽଧ୍ୟାୟଃ ।

■

# ଦ୍ୱିତୀୟ ଅଧ୍ୟାୟ

**ବସୁଦେବ ସହ ଦେବକୀ ବିବାହ, ପ୍ରଥମ ପୁତ୍ର ନାଶ ଓ ଉଗ୍ରସେନ ସହ ବନ୍ଦୀ**

**ଶୁକ ଉବାଚ**

ନମଇଁ ନୃସିଂହ ଚରଣ । କହିବି ବିସ୍ତର ପୁରାଣ ॥
ଶୁକ କହନ୍ତି ଶୁଣ ରାୟେ । ମର୍ତ୍ତ୍ୟେ ଜନ୍ମିଲେ ଦେବତାଏ ॥
ଭୋଜ ବଂଶରେ ଉତପନ୍ନ । ପ୍ରତାପୀ ରାଜା ସୁରସେନ ॥
ପୂର୍ବେ ମଥୁରାପୁରେ ଥିଲା । ଅନେକ ନୃପତି ଜିଣିଲା ॥

ତେଣୁ କଟକ ମଧୁପୁରୀ । ଯହିଁ ବିଜୟ ନରହରି ॥
ସେ ରାଜା ଗୋବିନ୍ଦର ଭକ୍ତ । ତାହାର ଉଗ୍ରସେନ ସୁତ ॥
ଦେବକୀ ନାମେ ତାର ଭ୍ରାତା । ତାର ଦେବକୀ ଯେ ଦୁହିତା ॥
ରୂପ କମଳା ନୁହେଁ ସରି । ସେ କନ୍ୟା ବସୁଦେବ ବରି ॥
ମାୟା ଭିଆଣ ପଦ୍ମନାଭ । କରନ୍ତି ବିଭାର ଉତ୍ସବ ॥
ବିଭା କରନ୍ତି କନ୍ୟା ବର । ଯୁବତୀ ମଙ୍ଗଳ ବେଭାର ॥
ଜନ ବେଭାର ସେ ଦେବକ । ଅନେକ ଦେଲା ଯଉତୁକ ॥
ଚତୁର ଶତ ହସ୍ତୀ ଦେଲା । କଣ୍ଠେ ଲମ୍ବାଇ ରତ୍ନମାଳା ॥
ଅଠର ଶତ ରଥଯୁତେ । ଅଶ୍ୱ ସେ ଦେଲା ଐରାବତେ ॥
ବେନି ଶତେକ ପରିବାରୀ । ଦେଲା ସେ ଅଳଙ୍କାର ଭରି ॥
ବଜାଇ ବୀତତୂର ନାଦ । କେ କହୁ ବିଭାର ସଂପଦ ॥
ରଥେ ବସାଇ କନ୍ୟା ବର । ନଗରୁ ହୋଇଲେ ବାହାର ॥
କୁସୁମ ବଂ ଧରି ଘେନି । ମଙ୍ଗଳ କରେ ବେଦଧ୍ୱନି ॥
ଉଗ୍ରସେନର କଂସସୁତ । ଦେଖିଣ ହୋଇଲା ଉଷତ ॥
ଯାହାକୁ ଭୟେ ଦେବେ ଡରି । ଚାଲନ୍ତେ କମ୍ପେ ବସୁନ୍ଧରୀ ॥
ଦିବ୍ୟ ସୁବର୍ଣ୍ଣରଥେ ବସି । ରାଜାଏ କଂସକୁ ପ୍ରଶଂସି ॥
ଭଗିନୀ ପ୍ରିୟବନ୍ଧୁ ଗୁଣେ । ରଥରେ ବସିଲେ ଆପଣେ ॥
ଅଶ୍ୱ ଦଉଡ଼ି ଧରି କରେ । ରଥ ବାହଇ ଧୀରେ ଧୀରେ ॥
ଥୋକାଏ ଦୂର ପଥ ଗଲା । ଆକାଶୁ ଶବଦ ଶୁଭିଲା ॥
ତା ଶୁଣି ଚାହିଁଲା ଗଗନେ । ଶବଦ ଶୁଭୁଅଛି ଶୂନ୍ୟେ ॥
ରେ ରେ ଅସୁର କଂସ ଶୁଣ । ନ ଜାଣୁ ଆପଣା ମରଣ ॥
ଯା ରଥ ବାହୁ ତୁ ଉଷତେ । ତୋତେ ମାରିବେ ତାର ସୁତୋ ॥
ଅଷ୍ଟମ ଗର୍ଭେ ଅବତରି । ମହୀ ରଖିବେ ତୋତେ ମାରି ॥
ଶୁଣି ଅନ୍ତରୀକ୍ଷ ବଚନ । ରଥୁ ଉତୁରିଲା ବହନ ॥
ନିକୋଚ କରି କରବାଳ । ଧରିଲା ଦେବକୀର ଚୂଳ ॥
ବୋଲଇ ଭଲ ଯା ବିଚାର । କୁମାରୀ ଜାଲୁ ଯାକୁ ମାର ॥
ମୂଳୁ ମାରିଲେ ଯିବ ସରି । ଦେବଙ୍କ ସଂଗେ କିମ୍ପା କଳି ॥
ଅଧର ଚାପି ରୋଷେ ଚାହେଁ । କମ୍ପଇ ଦେବକୀର କାୟେ ॥

କଂସକୁ ବସୁଦେବ ଚାହିଁ । ଭୟେ ,ଚିନ୍ତଇ ଭାବଗ୍ରାହୀ ॥
କଂସର ଭୁଜ କରେ ଧରି । ବୋଇଲେ ରଖ ଦଣ୍ଡଧାରୀ ॥
ତୁ ଅଟୁ ମହତ ପୁରୁଷ । ସଂସାରେ ଅଛି ତୋର ଯଶ ॥
ଧାର୍ମିକ କହନ୍ତି ସଂସାରେ । ଦେବକୀ ମାରୁ କିମ୍ପା କରେ ॥
ବିଭାର କାଳେ ଏଡ଼େ କର୍ମ । କେମନ୍ତେ ସହିବ ଟି ଧର୍ମ ॥
ଦେହର ସଂଗେ ମୃତ୍ୟୁ ଜାତ । ତହିଁ ଯେ ଏହାର ତଦନ୍ତ ॥
ବାଳକ ବୃଦ୍ଧ ଯେ ତରୁଣ । ଅବଶ୍ୟ ହୋଇବ ମରଣ ॥
ଦେହ ବହିଲେ ନିଶ୍ଚେ ମରି । ମରଣ ଛାର କିମ୍ପା ଡରି ॥
ଏ ଜୀବ ମରଣ ନିକଟେ । ବେଗେ ଚିନ୍ତଇ ଅନ୍ୟ ଘଟେ ॥
ଏହାର କଲା କର୍ମମାନ । ଦେଖେ ହୁଅଇ ସାବଧାନ ॥
କର୍ମର ବଶ ହୁଏ ଜନ୍ତୁ । ଜନ୍ମ ମରଣ କର୍ମ ହେତୁ ॥
ଜୋକ ଯେ ଏକଇ ଚରଣେ । ଯେସନେ ସଞ୍ଚରଇ ତୃଣେ ॥
ଜୀବ ଯେ କର୍ମ ସଞ୍ଚରଇ । ଜନ୍ମ ମରଣ ହେତୁ ଏହି ॥
ନିଦ୍ରାରେ ଯେସନେ ସ୍ୱପନେ । ଦେଖିଣ ପାସୋରନ୍ତି ଜନେ ॥
କରନ୍ତି ପରଲୋକ ଭୋଗ । ପୁଣି ହିଁ ରଜବୀର୍ଯ୍ୟେ ଯୋଗ ॥
ଜନ୍ମିଣ ପାସୋରଇ ତାହା । ଏ ରୂପେ ଅନାଦିର ମାୟା ॥
ଏକଇ ପୁରୁଷ ମୁରାରି । ସକଳ ଘଟେ ଛନ୍ତି ପୂରି ॥
ଶତକେ ଜଳଘଟେ ଥୋଇ । ଚାହିଁଲେ ଆକାଶ ଦିଶଇ ॥
ପୁଣିହିଁ କଲେ ଏକଗୋଟି । ତହିଁ ଆକାଶ ଥାଏ ଗୋଟି ॥
ଆକାଶ ନ ହୁଅଇ ଭିନ୍ନ । ନାଶ ହୁଅଇ ଘଟମାନ ॥
ଏମନ୍ତ ଆତ୍ମାର ବିବେକ । ଏହା ଜାଣନ୍ତି ଜ୍ଞାନୀ ଲୋକ ॥
ତୁ ଅଟୁ ମହତ ପୁରୁଷ । କିମ୍ପା ଭଉଣୀ କରୁ ନାଶ ॥
ଜୀବ ମାନନ୍ତି ଆତ୍ମା ସୁଖେ । ଦେହର ଅନ୍ତରେ ପାନ୍ତି ଦୁଃଖେ ॥
ଏ ସାନ ଭଉଣୀ ତୋହର । ଏହାକୁ ବାରେ ରକ୍ଷାକର ॥
ଶୁକ କହନ୍ତି ଶୁଣ ରାୟେ । ଅସୁର ସ୍ୱଭାବେ ନିର୍ଦ୍ଦୟେ ॥
ଧର୍ମ ବଚନ ନ ଶୁଣଇ । ବିଶେଷ ଜ୍ଞାନ ତାର ନାହିଁ ॥
ଭିଣୋଇ ବାକ୍ୟ ନ ଶୁଣିଲା । ପୁଣିହିଁ ନାଶିବି ବୋଇଲା ॥
ଦେଖି ବସୁଦେବ ବିଚାରି । କାନ୍ଦିଣ ସୁମରେ ମୁରାରୀ ॥

ପୁଣି ବିଚାରୁଛନ୍ତି ମନେ । ଦେବକୀ ରଖିବି କେସନେ ॥
କେ ସହୁ ଏହାର ବିକଳ । ଲାଭ ଦେଇ ରଖିବ ମୂଳ ॥
କିବା ନୋହୁଣୁ ମୋର ସୁତ । କଂସ ହୋଇଣ ପ୍ରାଣେ ହତ ॥
କିବା ନୋହିବ ମୋର ପୁଅ । ଜାଣନ୍ତି ପ୍ରଭୁ ଦେବରାୟ ॥
ଏମନ୍ତେ ମନେ ବିଚାରିଲା । କଂସର ମୁଖକୁ ଚାହିଁଲା ॥
କହଇ ଶୁଣ ବୀର କଂସ । ଛାଡ଼ ତୁ ଭଗିନୀର କେଶ ॥
ଏହାର ପୁତ୍ର ତୋତେ ମାରି । ଏ ତୋର ନୁହଇ ବଇରୀ ॥
ଏ ଶିଶୁ ଯେତେ ପ୍ରସବିବ । ତୋର ନିକଟେ ଦେବି ସର୍ବ ॥
ତୁ ସର୍ବ ପୁରୁଷ ମହତ । ଏ ମୋର ତିନିବାର ସତ୍ୟ ॥
ଶୁଣନ୍ତୁ ଦଶଦିଗ ଲୋକେ । ଏଠାରେ ଅଛନ୍ତି ଯେ ଥୋକେ ॥
ଏ କଥା ମୋହର ପ୍ରମାଣ । ଏଥିକୁ ସାକ୍ଷୀ ନାରାୟଣ ॥
ବସୁଦେବର କଥା ଶୁଣି । କଂସ ତା ମନେ ମନେ ଗୁଣି ॥
ବିଚାରି ମଣିଲା ବିଶ୍ୱାସ । ଛାଡ଼ିଲା ଦେବକୀର କେଶ ॥
ଆନନ୍ଦ ହୋଇ ବେନି ଜନ । ଗଲେ ଯେ ଯାହାର ଭୁବନ ॥
କେତେହେଁ ଦିନ ତହିଁ ଗଲା । ଦେବକୀ ଗର୍ଭ ଉପୁଜିଲା ॥
ବରଷ ବରଷକେ ସୁଦ୍ଧା । ହୋଇଲା ଏକଇ ଦୁହିତ ॥
ପ୍ରଥମେ ହୋଇଲା ତନୟେ । ରୂପେ ଶୋଭିତ କାମ ନୁହେଁ ॥
ସୁତକୁ ଦେଖି ବସୁଦେବ । ବିକଳେ ଚିନ୍ତଇ ମାଧବ ॥
ଏ ସୁତ ନେବି ମୁଁ କେମନ୍ତେ । ସତ୍ୟ ଯେ କରିଛି ଯୁକତେ ॥
ଦେବକୀ ମୁଖକୁ ଚାହିଁଲା । ହା କୃଷ୍ଣ ବୋଲି ଡାକଦେଲା ॥
କୋଳରେ ଘେନିଲା ତନୟ । ହୋଇଲା ହରଷ ବିସ୍ମୟ ॥
କଂସର ସଭାରେ ମିଳିଲା । ବାଳକ ତଳେ ଶୁଆଇଲା ॥
ଦେଖି ଚକିତ ସଭାଜନେ । କଂସ ବିଚାରୁଅଛି ମନେ ॥
ଏ ତ ନୁହଇ ମୋ ବଇରୀ । ଅଷ୍ଟମ ଗର୍ଭେ ମୋତେ ମାରି ॥
ଏହାର ଜାଣିଲି ମୁଁ ସତ୍ୟ । ନେଉ ଏହାର ନିଜ ସୁତ ॥
ଶୁଣି ବସୁଦେବ ଚକିତେ । କଂସକୁ ନ ଯାଇ ପରତେ ॥
କ୍ଷଣେ ରହି ବିଚାର କରି । ପୁଣି କୁମର କୋଳେ ଧରି ॥

ବାଟରେ କରଇ ବିଚାର । ଦୁଷ୍ଟ ଦାନବ ଦୁରାଚାର ॥
ଏବେ ମୁଁ ନେବି ବାହୁଡ଼ାଇ । ପୁଣି ମାରିବ କଂସ ନେଇ ॥
ଦେବକୀ କଷ୍ଟ ହେବ ବଡ଼ । କିସ କରିବି ମୁହିଁ ମୂଢ଼ ॥
ହରି ଭିଆଣ କଲେ ଯାହା । ଅବଶ୍ୟ ଭୁଞ୍ଜିବଇଁ ତାହା ॥
ଏମନ୍ତେ ଦୁଃଖେ ସୁଖେ ଯାଇ । ଦେବକୀ ନିକଟେ ମିଳଇ ॥
ସୁତକୁ ଦେଲା ତାର କୋଳେ । କାନ୍ଦଇ ମାୟାମୋହ ଭୋଳେ ॥
ପୁତ୍ରକୁ ପାଇଣ ଦେବକୀ । ଆନନ୍ଦ କେ ପାରିବ ଲେଖି ॥
ରଜନୀ ହୋଇଲା ପ୍ରବେଶ । ଅନ୍ତପୁରରେ ମିଳି କଂସ ॥
ଶୀତଳ ମଣୋହି ସାରିଲା । ସୁଖେ ପଲଙ୍କେ ବିଜେ କଲା ॥
ତକ୍ଷଣେ ମିଳିଲା ନାରଦ । ଆନନ୍ଦେ ବଜାଇଲେ ବୀଣାବାଦ୍ୟ ॥
ଦେଖିଣ ଦେକିଲା ଶୟନ । ପ୍ରଣାମ କଲାକ ବହନ ॥
ନିଜ ଆସନେ ବସାଇଲା । ବିଶ୍ୱାସେ ଚରଣ ଚାପିଲା ॥
ଭକ୍ତି ଦେଖିଣ ସେ ନାରଦ । କହନ୍ତି ଶୋକେ ଗଦଗଦ ॥
ଶୁଣ ଅସୁର ଚୂଡ଼ାମଣି । ତୋର ମରଣ ମୁହିଁ ଜାଣି ॥
ତୋ ଦୁଃଖ ଦେଖି ମୁଁ ବିକଳ । ଦେଖ ନୟନୁ ବହେ ଜଳ ॥
ଶୁଣ ଦାନବ ଚୂଡ଼ାମଣି । ତୋର ମରଣ ତଥ୍ୟବାଣୀ ॥
ଭୂମିର ଦେଖିଣ ବିକଳ । ଗୁହାରି କଲେ ଦେବଦଳ ॥
ବ୍ରହ୍ମାଙ୍କ ତୁଳେ ଶୂଳପାଣି । କ୍ଷୀର ସମୁଦ୍ରେ ସ୍ତୁତିଭଣି ॥
ବ୍ରହ୍ମାଙ୍କୁ କହିଲେ ଅନନ୍ତ । ମନୁଷ୍ୟେ ହୋଇବି ମୁଁ ଜାତ ॥
ମାରିବି ସକଳ ଅସୁର । ନାଶିବି ଅବନୀର ଭାର ॥
ଏମନ୍ତ କହୁ କଥାମାନ । ଭିଆଣ କଲେ ଦେବଗଣ ॥
ଦେବକୀ ଅଷ୍ଟମ ଗର୍ଭର । ନିଶ୍ଚୟ ମରଣ ତୋହର ॥
ବ୍ରହ୍ମାର ବଚନେ ମୁରାରୀ । ମାୟା ମନୁଷ୍ୟ ରୂପ ଧରି ॥
ତୋହତେ ମାରିବେ ସେ ଅନନ୍ତ । ତୁ କିମ୍ପା ହୋଇଲୁ ନିଶ୍ଚିତ ॥
ଦେବେ ଉପୁଜିଛନ୍ତି ଅଂଶେ । ଗୋପ ନଗରେ ଭୋଜବଂଶେ ॥
ନନ୍ଦ ଯଶୋଦା ଆଦି ଯେତେ । କହିବି ଏକେ ଏକେ କେତେ ॥
ଦେବକୀ ଆଦି ବସୁଦେବ । ଏ ଆଦି ଯେତେକ ଯାଦବ ॥
ତୋର ସେବକ ଯେତେ ଲୋକ । ଦେବତାମାନେ ଏଠି ଦେଖ ॥
ଏହା ତୁ ନ କରୁ ବିଚାର । ନିକଟେ ମରିବୁ ଅସୁର ॥

କଂସକୁ କରାଇ ଉଚ୍ଚାଟ । ନାରଦ ଗଲେ ଶୂନ୍ୟବାଟ ॥
ଦୁଃଖେ ରଜନୀ ପୁହାଇଲା । ନିଜ ସଭାରେ ବିଜେ କଲା ॥
ଅସୁର ବଳ ଘେନି ସଂଗେ । ଧାଇଁଲା ପବନହୁଁ ବେଗେ ॥
ଦେବକୀ ନିକଟେ ମିଳିଲା । କୋପେ ଅଧର କାମୁଡ଼ିଲା ॥
ତୁ ସାନ ଭଗିନୀ ମୋହର । ମୋର ମରଣେ ତୋ ବିଚାର ॥
ମୁଁ ଏହା ଜାଣିବି କେମନ୍ତେ । ଭିଣୋଇ ବୋଲି ଗଲି ପ୍ରତେ ॥
ଏମନ୍ତେ ଅନେକ ବୋଇଲା । କୋଳୁ ବାଳକ ଘେନିଗଲା ॥
ଦେନି ଚରଣ କରେ ଧରି । ବୁଲାଇ ଅନ୍ତରାଳ କରି ॥
କୋପେ ଅନେକ ଗାଳିଦେଲା । ଶିଳା ଉପରେ କଚାଡ଼ିଲା ॥
ଦେବକୀ ବସୁଦେବ ଆଣି । ବନ୍ଧନ କଲା ପାଦପାଣି ॥
ମାଡ଼ ମରାଇ ମହା ରୋଷେ । ପାଦ ଭରିଲା ଲୌହ ଫାଶେ ॥
ଧନ ସଂପଦ କଲା ଲୁଟ । ଆଣି ଭରିଲା ବନ୍ଦୀଘର ॥
ସାତ କବାଟ ମହାବଳ । ଲୌହ କିଳିଣୀ ଅନର୍ଗଳ ॥
ପ୍ରହରୀ ଶତେକ ଜଗାଇ । କହିଲା ରୋଷଭର ହୋଇ ॥
ଦେବକୀ ଯେବେ ପ୍ରସବିବ । ମୋହର ଆଗେ ଜଣାଇବ ॥
ଯେ ମୋର ବୋଲ ନ କରିବ । ସେହି ମୋହର ଶତ୍ରୁ ହେବ ॥
ନିଜ ପିତାଙ୍କୁ ଅଣାଇଲା । ଅନେକ ମାଡ଼ ମରାଇଲା ॥
ଶାଙ୍କୋଳି ଦେଲା ବନ୍ଦୀ ଘରେ । ଅନେକ ଯାଦବ ସଂଗରେ ॥
ଅସୁର ସ୍ୱଭାବେଣ କଂସ । ମାରଇ ଆପଣାର ବଂଶ ॥
କୋପ ସଂହାରି ନିଜ ପୁରେ । ଅସୁର ପଶିଲା ଭିତରେ ॥
କଂସ ଜାଣଇ ଯୋଗବଳେ । ମୁଁ ଜାତ ଦାନବର କୁଳେ ॥
ଅନେକ ବାର ମୋତେ ମାରି । ମୋକ୍ଷ ନ ଦେଲେ ନରହରି ॥
ଏବେ ମାରିବେ ଯେବେ ହସ୍ତେ । ସୌଭାଗ୍ୟ କେ କରିବ ଅନ୍ତେ ॥
ଏମନ୍ତେ ମନେ ବିଚାରିଲା । ଯଦୁଙ୍କ ସଂଗେ ବାଦ କଲା ॥
ଶୁଣ ସୁଜନେ କୃଷ୍ଣ ଗୀତ । ଗୋବିନ୍ଦ ପାଦେ ଦେଇ ଚିତ୍ତ ॥
ପଣ୍ଡିତେ ନ ଘେନିବେ ଦୋଷ । କୃଷ୍ଣ ଚରିତ ସୁଧାରସ ॥
କହଇ ବିପ୍ର ଜଗନ୍ନାଥ । ହରି ଚରଣେ ଦେଇ ଚିତ୍ତ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ଦଶମ ସ୍କନ୍ଧେ ଦେବକୀ ବିବାହେ
ନାମ ଦ୍ୱିତୀୟୋଽଧ୍ୟାୟଃ ।

■

# ତୃତୀୟ ଅଧ୍ୟାୟ

## ଦେବକୀର ଷଡ଼୍‌ପୁତ୍ର ନାଶ, ବଳରାମଙ୍କର ଅନ୍ତର୍ହିତ, ରୋହିଣୀ ଗର୍ଭେ ଜନ୍ମ

### ଶ୍ରୀ ଶୁକ ଉବାଚ

ଶୁକ କହନ୍ତି ଶୁଣ ରାୟ । ଅସୁର କଲା ମହାଭୟ ॥
ଦୂତ ପେଷିଲା ଚାରିଦିଗେ । ବିଶ୍ୱାସୀ ଦାନବଙ୍କ ଲାଗେ ॥
କଂସର ଦେଖି ମିତ୍ରପଣ । ଆସି ମିଳିଲେ ଜଣ ଜଣ ॥
ଚାଣୁର ତୃଣାବର୍ତ୍ତ ବୀର । ମୁଷ୍ଟିକ ମଲ୍ଲ ଷଣ୍ଢାସୁର ॥
ଦ୍ୱିବିନ୍ଦ ନାମରେ ଅସୁର । ପ୍ରଳମ୍ବ ବତ୍ସା ବକାସୁର ॥
ପୂତନା ନାମେଣ ରାକ୍ଷସୀ । ଆସି ମିଳିଲା ବୀରକେଶୀ ॥
ବେଗେ ମିଳିଲା ବାଣାସୁର । ସୁର ନାରିକା ଜରା ବୀର ॥
ଏମନ୍ତ କହିବି ମୁଁ କେତେ । କଂସଙ୍କ ମିତ୍ର ଛନ୍ତି ଯେତେ ॥
ସକଳେ ବସାଇ ଆସନେ । କହଇ କଂସ ଖେଦମନେ ॥
ଶୁଣ ସକଳ ବୀରମଣି । ମୋହର କର୍ମଫଳ ବାଣୀ ॥
ନାରଦ କହିଗଲେ ମୋତେ । ଯଦୁଙ୍କୁ ନ ଯିବୁ ପରତେ ॥
ଯେତେକ ମୋହର ବିଶ୍ୱାସ । ଯଦୁଙ୍କୁ ବେଗେ କର ନାଶ ॥
ଶୁଣି ଅସୁରେ ପରିଛୁଳି । ଯେସନେ ସମୁଦ୍ର ଉଛୁଳି ॥
ଯଦୁଙ୍କୁ ଦେଖିଲେ କଷ୍ଟମାନ । ଯାହା କହିଲେ ଭଗବାନ ॥
ଯାଦବେ ଅସୁରଙ୍କ ଡରେ । ପଳାଇଗଲେ ଦେଶାନ୍ତରେ ॥
କେ କୁରୁ ନଗରେ ପଶିଲେ । ପାଞ୍ଚାଳ ଦେଶରେ ମିଳିଲେ ॥
ବିଦେହ ନିଷେଧ କୋଶଳେ । ପଶିଲେ ଜୀବନ ବିକଳେ ॥
ଯେ ଅବା ଯାଇ ନ ପାରିଲେ । କଂସର ଶରଣ ପଶିଲେ ॥
ଏମନ୍ତ ବରଷ ପୂରିଲା । ପୁଣି ଦେବକୀ ପ୍ରସବିଲା ॥
ପ୍ରହରୀ ଜଣାଇଲେ ଯାଇ । କଂସ ଧାଇଁଲା ରୋଷ ହୋଇ ॥
ଦେବକୀ ନିକଟେ ମିଳିଲା । କୋଳୁଁ ବାଳକ ଘେନିଗଲା ॥
ବେନି ଚରଣ ଧରି କରେ । ପିଟିଲା ଶିଳାର ଉପରେ ॥
ଏମନ୍ତ ବରଷେ ବରଷ । ଛ'ପୁତ୍ର କଲା କଂସ ନାଶ ॥
କେ କହୁ ଦେବକୀର ଶୋକ । ନିଶି ଦିବସେ ମହାଦୁଃଖ ॥
ଦେଖିଣ ଦେବକୀ ବିକଳ । ସଦୟ ହେଲେ ଆଦିମୂଳ ॥

ଅନନ୍ତ ରୂପ ଧରି ହରି । ଦେବକୀ ଗର୍ଭେ ବିଜେ କରି ।।
ଏ ରୂପେ ଅନନ୍ତ ପ୍ରକାଶ । ଗର୍ଭ ହୋଇଲା ଅଷ୍ଟମାସ ।।
ଦେବକୀ ନିଜ ଦେହ ଚାହିଁ । ବିକଳେ ନିଃଶ୍ୱାସ ଛାଡ଼ଇ ।।
କେତେ ପାତକ କଲି ପୂର୍ବେ । ପୁଣି ହୋଇଲା ଆସି ଗର୍ଭେ ।।
କେତେ ସହିବି ଗର୍ଭ କଷ୍ଟ । ବିଧାତା କରିଅଛି ହଟ ।।
ଗର୍ଭେ ଧରଇ ଦଶମାସ । କୋଳେ ଧରି ତ ନାହିଁ ଆଶ ।।
ଏମନ୍ତେ ବିଚାରି ବିକଳେ । ନୟନୁ ବହେ ଅଶ୍ରୁଜଳେ ।।
ଦାସବତ୍ସଳ ଭଗବାନ । ଜାଣିଲେ ଦେବକୀର ମନ ।।
ଦୁର୍ଗାଙ୍କୁ ନିକଟେ ବସାଇ । କହନ୍ତି ପ୍ରଭୁ ଭାବଗ୍ରାହୀ ।।
ଅମ୍ବିକା ଶୁଣ ମୋ ଉତ୍ତର । ବହନ ଯାଅ ନିର୍ଘ୍ୟପୁର ।।
ମଥୁରା କଂସ ବନ୍ଦୀ ଘରେ । ମିଳିବୁ ପ୍ରଥମ ପ୍ରହରେ ।।
ବନ୍ଦୀ କରିଛି କଂସ ରାୟେ । ଏକ୍କି ଶାକ୍ତୁଳି ବେନି ପାୟେ ।।
ବସୁଦେବଙ୍କୁ ଯେତେବେଳେ । ଧରି ଆଣିଲା କଂସ ବଳେ ।।
ତାହାର ପତ୍ନୀ ନନ୍ଦଘରେ । ଯାଇ ଲୁଚିଲା କଂସ ଡରେ ।।
ରୋହିଣୀ ନାମେ ବିଦ୍ୟମାନ । ତାହାର ଗର୍ଭ ଅଛି ଶୂନ୍ୟ ।।
ଦେବକୀ ଦେବୀ ଜିଆଳୀଳେ । ଗର୍ଭ ହରିବୁ ଯୋଗ ବଳେ ।।
ରୋହିଣୀ ଗର୍ଭେ ତାହା ଥୋଇ । ମିଳିବୁ ନନ୍ଦ ଘରେ ଯାଇଁ ।।
ଜନ୍ମିବୁ ଯଶୋଦା ଉଦରେ । ମୁଁ ପୁଣି ଯିବି ମଣ୍ଡପୁରେ ।।
ଦେବକୀ ଗର୍ଭେ ହେବି ଜାତ । ମୋତେ ଘେନିଣ ଯିବେ ତାତ।।
ତୋତେ ଆଣିବେ ମୋତେଥୋଇ। ଏ କଥା ନ ଜାଣିବେ କେହି ।।
ଏମନ୍ତ କଂସର ମରଣ । ହସି କହନ୍ତି ନାରାୟଣ ।।
ମଣ୍ଡେ ହୋଇବୁ ତୁ ଯେ ଜାତ । ଜଗତେ ହୋଇବୁ ବିଖ୍ୟାତ ।।
ଲୋକେ କରିବେ ତୋତେ ପୂଜା । ଅନେକ ଦେବେ ବଳିଭୋଜା ।।
ଭକ୍ତଙ୍କୁ ହୋଇବୁ ପ୍ରସନ୍ନ । ଅନେକ ହେବ ତୋର ନାମ ।।
ଜୟା ବିଜୟା ଭଦ୍ରାକାଳୀ । ମଙ୍ଗଳା ଚଣ୍ଡିକା କଙ୍କାଳୀ ।।
ଦୁର୍ଗା ଅମ୍ବିକା ନାରାୟଣୀ । ଏକୁ ଆରେକ ନାମ ଭଣି ।।
ଗ୍ରାମ ଗ୍ରାମରେ କରି ସ୍ଥାନ । ପୂଜନ୍ତେ ହୋଇବୁ ପ୍ରସନ୍ନ ।।
ଅନ୍ତ ତା କରିବ କେ କେତେ । ଅନେକ ନାମ ତୋ ଜଗତେ ।।

ପୂଜା କରିବେ ସର୍ବଜନ । ରାଜା ପରଜା ତପସ୍ୱୀନ ॥
ସ୍ତୁତି ପଢନେ ମନ୍ତ୍ରଧାନ । ଷୋଡ଼ଶ ଉପଚାର ମାନ ॥
ଶୁଣ ବଚନ ଆଦିମାତା । ଫେଡ଼ୁ ଦେବକୀ ଦୁରବସ୍ଥା ॥
ଦେବକୀ ଗର୍ଭୁ ତୁ ଆଣିବୁ । ରୋହିଣୀ ଗର୍ଭରେ ଥୋଇବୁ ॥
ତାହାର ନାମ ସଙ୍କର୍ଷଣ । ଲୋକରେ ହୋଇବ ବରଣ ॥
ବଳେ ନୋହିବ କେହି ସମ । ନାମ ହୋଇବ ବଳରାମ ॥
ଶୁଣି ଆନନ୍ଦ ମନ ହୋଇ । ମଞ୍ଚେ ଚଳିଲେ ମହାମାୟୀ ॥
ହରିଙ୍କ ଆଜ୍ଞା ଘେନି ଶିରେ । ମିଳିଲେ ମଥୁରା ନଗରେ ॥
ବସୁଦେବ ଯେ ବନ୍ଦୀ ଘରେ । ମିଳିଲେ ପ୍ରଥମ ପ୍ରହରେ ॥
ରାତ୍ରେ ଦେବକୀ ନିଦ୍ରା କାଳେ । ଗର୍ଭ ହରିଲେ ଯୋଗବଳେ ॥
ଅନନ୍ତ ଘେନି ମାୟା ବେଗେ । ଭରିଲେ ରୋହିଣୀର ଗର୍ଭେ ॥
ଗର୍ଭ ସଂଯୋଗ ଦେବୀ କରି । ଦିନକୁ ଦିନ ଗର୍ଭଧାରୀ ॥
ସିଂହ ପୌର୍ଣ୍ଣମୀ ଦିନ ସାର । ରୋହିଣୀ ପ୍ରସବେ କୁମର ॥
ଧବଳ ଜ୍ୟୋତିରୂପ ପୁଣି । ଶିରେ ଶୋଭିତ ସପ୍ତଫେଣି ॥
ଅପୁଆ ଘରେ ପୁଅ ଜାତ । ଆନନ୍ଦ ହୁଏ ନନ୍ଦଚିର ॥
ମୋହର ଘରେ ପୁଅ ନାହିଁ । ଏ ମୋତେ କାରଣ ଅଟଇ ॥
ସାହା ସେ ଦେବକୀ ନିମିତ । ଦୁର୍ଗା ହିଁ ଯହିଁ ଗର୍ଭଗତ ॥
ମିଳିଲେ ନନ୍ଦ ଘରେ ଯାଇଁ । କୃଷ୍ଣ ଜନ୍ମକୁ ବାଟ ଚାହିଁ ॥
ଦେବକୀ ଗର୍ଭ ଯହୁଁ ଗଲା । ଲୋକେ କହିଲେ ଭଲ ହେଲା ॥
ଉତ୍ତମ କଲେ ନାରାୟଣ । ଦେବକୀ ନ ପାଉ କଷଣ ॥
ଥୋକେ ବୋଲନ୍ତି ଭଲ ହେଲା । କଂସର ଡରେ ପଳାଇଲା ॥
ପୋଡୁ ଏ ଦେବକୀ ଭିଆଣ । କେ ବୋଲେ କର୍ଣ୍ଣେତା ନଶୁଣ ॥
ଏବେ ମଡ଼ିଛି ଅଛି କାହିଁ । କେ ବୋଲେ ତାମୁଖ ନଚାହିଁ ॥
କେ କାନ୍ଦି ନ ହୁଅନ୍ତି ବିକଳ । କହନ୍ତି ରଖ ଆଦିମୂଳ ॥
ଦେବକୀ ଲୋକରେ କଷଣ । ଜାଣିଲେ ଦେବ ନାରାୟଣ ॥
ତେଜିଲେ ଜଳଧି ଶୟନ । ମଥୁରା ମିଳିଲେ ବହନ ॥
ବସୁଦେବର ଦେହେ ଯାଇ । ପଶିଲେ ଜ୍ୟୋତି ରୂପ ହୋଇ ॥
କୃଷ୍ଣର ତେଜ ଯେ ପ୍ରଚଣ୍ଡ । ଯେହ୍ନେ ଉଦୟ ମାରତଣ୍ଡ ॥

ଆମର ଗୁରୁ ଲଗ୍ନ ବେଳେ । ପ୍ରଭୁ କାମିନୀ ଏକ ମେଳେ ॥
ଜଗତ ମଙ୍ଗଳ ପୁରୁଷ । ଦେବକୀ ଗର୍ଭରେ ପ୍ରବେଶ ॥
ଉଦୟ କାଳେ ଯେହ୍ନେ ଶଶୀ । ପୂର୍ବଦିଗରୁ ପରକାଶି ॥
କୃଷ୍ଣଙ୍କୁ ଧରିଣ ଉଦର । ଦେବକୀ ଦିଶିଲା ସୁନ୍ଦର ॥
ଅନ୍ଧାର ବନ୍ଦୀ ଘର ତେଜ । ଯେହ୍ନେ ଦିଶିଲା ଗ୍ରହରାଜ ॥
ଦେବକୀ ଗର୍ଭବାସ କଥା । ଶୁଣି ପାଇଲେ କଂସ ବ୍ୟଥା ॥
ଭୟେ ଚକିତ ଛନ୍ନ ଛନ୍ନ । ମିଳିଲା ଦେବକୀ ଭୁବନ ॥
ସାତ କବାଟ ଫେଡ଼ାଇଲା । ଅନ୍ଧାର ଘରକୁ ଚାହିଁଲା ॥
ଉଦୟ ହୋଇ ନିଶାକର । ଯେହ୍ନେ ନାଶଇ ତମ ଘୋର ॥
ଦେଖି ଚକିତ କଂସ ମନେ । ଭାଳି ବୋଲଇ ଦିବ୍ୟଜ୍ଞାନେ ॥
ନିଶ୍ଚୟ ହୋଇଲା ମରଣ । ଏତ ଅନାଦି ନାରାୟଣ ॥
ଗର୍ଭେ ବିଜୟ କଲା ଆସି । ଏ ମୋର କାଳଦଣ୍ଡ ପାଶୀ ॥
ଜୀବନ ନାଶିବ ଏ ମୋର । ଦେବକୀ ବଢ଼ଇ ସୁନ୍ଦର ॥
ଏ ଯେତେ ଗର୍ଭ ପ୍ରସବିଲା । ଏମନ୍ତ ଥରେ ନ ଦିଶିଲା ॥
କି ବୁଦ୍ଧି କରିବଇଁ ଆଜ । ମାରିଣ କରିବଇଁ କାର୍ଯ୍ୟ ॥
ହସ୍ତରେ ଅଛି ମୋ ଉପାୟ । ଛାଡ଼ିଲେ ନ ପାଇବି ଥୟ ॥
ଦେବକୀ ପକାଇବି ମାରି । ଗର୍ଭ ନାଶିବି ପେଟ ଚିରି ॥
ପୁଣି ବିଚାରୁ ଅଛି ମନେ । ଏ କର୍ମ କରିବି କେମନେ ॥
ଜୀବନ ପାଇଁ ଏଡ଼େ ପାପ । କରି ପାଇବି ମନେ ତାପ ॥
ଜୀବ ମାରଣେ ସୁଖ ନାହିଁ । ନରକେ ପଡ଼ିବିଟି ଯାଇ ॥
ପାପର ମଧ୍ୟରେ ପ୍ରମାଦ । ସ୍ତିରୀ ଗର୍ଭିଣୀ ଶିଶୁବଧ ॥
ଏ ତିନି କର୍ମ ଯେ କରନ୍ତି । ଜୀବନ ଥାଇଁ ସେ ମରନ୍ତି ॥
ଜୀବନ ଛାଡ଼ିବାର ବେଳେ । ନିନ୍ଦିତ ବୋଲନ୍ତି ସକଳେ ॥
ଇହଲୋକରେ ଅପଯଶ । ମଲେ ନରକେ ପରବେଶ ॥
ଏମନ୍ତେ ମନେ ବିଚାରିଲା । ଖଡ୍ଗ ଘେନି ବାହୁଡ଼ିଲା ॥
ମିଳିଲା ନିଜପୁରେ ଯାଇ । ଭାଳଇ ଚଉଦିଗ ଚାହିଁ ॥
ହରିଙ୍କି କଲା ମହାଭୟ । କ୍ଷଣେ କ୍ଷଣକେ କମ୍ପେ କାୟ ॥
ଆସନ ଶୟନେ ଭୋଜନେ । ସ୍ନାନ ବିହାର ଜଳପାନେ ॥
ଗୋଡ଼ାଇଛନ୍ତି ଯେହ୍ନେ ହରି । କମ୍ପଇ ମହାଭୟ କରି ॥
ବୃକ୍ଷ କାନନ ଦେଖି ଗିରି । ସର୍ବ ମଣଇ ନରହରି ॥

ଏମନ୍ତ ରଜନୀ ହୋଇଲା । ଘୋର ଅନ୍ଧାର ପ୍ରକାଶିଲା ॥
ବ୍ରହ୍ମା ଶଙ୍କର ଇନ୍ଦ୍ର ଦୁଇେ । ତେତିଶିକୋଟି ଦେବବଳେ ॥
ମିଳିଲେ ମଥୁରା ନଗରେ । ଦେବକୀ ଦେବୀ ବନ୍ଦୀ ଘରେ ॥
ପ୍ରମାଣ କଲେ ଜଣେ ଜଣେ । ଶ୍ରୀକୃଷ୍ଣ ଜନନୀ ଚରଣେ ॥
ଗର୍ଭକୁ ଚାହିଁ ଗଙ୍ଗାଧର । ସ୍ତୁତି କରନ୍ତି ବେଦବର ॥
ବାସବ ଆଦି ଦିଗପତି । ଯେ ଯାହା ମତେ କଲେ ସ୍ତୁତି ॥
ଜୟ ଗୋବିନ୍ଦ ଦାମୋଦର । ସତ୍ୟ ବଚନ ସ୍ୱାମୀ ତୋର ॥
ଆବୋରି ଅଛୁ ତିନି ସତ୍ୟ । ଦେହ ଅବନୀ ପରମାର୍ଥ ॥
ସତ୍ୟେ ବ୍ରହ୍ମାକୁ କଲୁ ଜାତ । ସତ୍ୟ ସ୍ୱରୂପ ତୁ ଅଚ୍ୟୁତ ॥
ତୋହର ସଞ୍ଜୀଳାର ଫଳ । ଅସୁର ମାରି ସାଧୁ ପାଳ ॥
ସଂସାର ମଧ୍ୟେ ହେବ ବୃକ୍ଷେ । ଏବେ ତୁ ମିଳିଲୁ ପ୍ରତ୍ୟକ୍ଷେ ॥
ବୃକ୍ଷର ଯେତେ ଗୁଣମାନ । ଶରୀରେ ତୋହର ଜିଆଣ ॥
ଏକଇ ବୃକ୍ଷେ ବେନି ଫଳ । ଚତୁର୍ଣ୍ଣ ରସ ତିନି ମୂଳ ॥
ପଞ୍ଚସି କଡ଼ା ତଳେ ଗଣ୍ଡି । ଆତ୍ମା ଏହାର ଷଡ଼ଗୋଟି ॥
ସାତ ବକଳ ଦେହେ ଛଡ଼ି । ଅଷ୍ଟମ ଡାଳେ ଛନ୍ତି ବେଢ଼ି ॥
ଗଣ୍ଠି ସ୍ୱଭାବେ ନବନେତ୍ର । ବିସ୍ତାର ନିତ୍ୟ ଦଶପତ୍ର ॥
ଉପରେ ଛନ୍ତି ବେନି ପକ୍ଷୀ । ଏମନ୍ତ ବୃକ୍ଷ ଦେହେ ରଖି ॥
ମୁନି କହନ୍ତି ରାଜନେ ଶୁଣ । ଦେହେ କହିବା ବୃକ୍ଷ ଗୁଣ ॥
ବୃକ୍ଷର ପ୍ରାଣ ଦେହେ ଏକ । ଫଳ ଯୋଡ଼ିଏ ଦୁଃଖ ସୁଖ ॥
ତାମସ ରଜ ସତ୍ୱଗୁଣ । ଏହାର ମୂଳଟି ପ୍ରମାଣ ॥
ଧର୍ମ ସଂପଦ କାମ ମୋକ୍ଷ । ଏହାର ରସଟି ପ୍ରତ୍ୟକ୍ଷ ॥
ଶବଦରୂପେ ରସ ଗନ୍ଧ । ପବନ ପଞ୍ଚମୂଳ ଛନ୍ଦ ॥
ଜନ୍ମ ହୋଇଣ ଦେହ ବଢ଼ି । ବାଳୁତ ରୂପେ ସେ ବଢ଼ଇ ॥
ତରୁଣ ବୃଦ୍ଧ ପୁଣ ମୃତ୍ୟୁ । ଆହାର ଆତ୍ମା ଷଡ଼ ହେତୁ ॥
ଚର୍ମ ଶୋଣିତ ମାଂସମେଦ । ହାଡ଼ ମଜ୍ଜାରେ ଧାତୁ ଛନ୍ଦ ॥
ସପତ ପବନ ଏହାର । ମୁନି କହନ୍ତି ଜ୍ଞାନସାର ॥
ଭୂଜଳ ଅନଳ ସମୀର । ଖଳ ବୁଦ୍ଧି ଅହଙ୍କାର ॥
ଏ ଅଷ୍ଟ ଡାଳଟି ଏହାର । ନବମ ଚକ୍ଷୁ ନବଦ୍ୱାର ॥
ଦଶ ଇନ୍ଦ୍ରିୟେ ପତ୍ର ଲେଖି । ଜୀବ ପରମ ବେନି ପକ୍ଷୀ ॥

ଏମନ୍ତ ବୃକ୍ଷ ରୂପ ହୋଇ । ଭାରା ନିବାରି ରଖ ମହୀ ॥
ଜଗତ ତୋର ତହୁଁ ଜାତ । ସୃଷ୍ଟି ପାଳକ ଜଗନ୍ନାଥ ॥
ତୋର ମାୟାରେ ମୂର୍ଖ ଜନ । ଆମ୍ଭଙ୍କୁ ଦେଖନ୍ତି ଯେ ଭିନ୍ନ ॥
ପଣ୍ଡିତ କହନ୍ତି ଯେ ଏକ । ମାୟାରେ ଦିଶନ୍ତି ଅନେକ ॥
ତୁହି ସଂସାରେ ଦୁଃଖେ ସୁଖେ । ଶରୀର ବହୁ ନାନା ରୂପେ ॥
ସାଧୁଙ୍କୁ ଦିଶୁ ତୁ ନିର୍ମଳ । ଖଳ ଲୋଚନେ ଯେହ୍ନେ କାଳ ॥
ଯେ ତୋର ପଦେ ପଦ୍ମନାଭ । ରଖନ୍ତି ଆତ୍ମଜ୍ଞାନ ଭାବ ॥
ତୋହର ନାମ ନାବ କରି । ହେଳେ ତରନ୍ତି ଭବବାରି ॥
ଭୋ ନାଥ କମଳଲୋଚନ । ମାୟାରେ ମୋହୁ ପ୍ରାଣୀମାନ ॥
ଯେ ତୋର ନାମ ନ ଭଜନ୍ତି । ମାୟାପଟଳ ଅଟିବାରନ୍ତି ॥
ତୀର୍ଥ ସେବନ୍ତି ଦାନ ତପେ । ତରିଲୁ ବୋଲିଥାନ୍ତି ଆପେ ॥
କରନ୍ତି ସିଦ୍ଧଙ୍କୁ ଉପାୟେ । ଦେଖନ୍ତି ବ୍ରହ୍ମଲୋକ ଯାଏ ॥
ତୋ ପାଦେ ନ କରି ଆଦର । ହୃଦେ ବହନ୍ତି ଅହଙ୍କାର ॥
ତହୁଁ ପଡ଼ନ୍ତି ଦେହ ଘେନି । ଜନ୍ମ ହୁଅନ୍ତି ନାନା ଯୋନି ॥
ଯେ ତୋର ତହୁଁ ମିତ୍ରପଣେ । ଚିତ୍ତ ଖଟାନ୍ତି ଅନ୍ୱେଷଣେ ॥
ନିର୍ଭୟେ ଭ୍ରମନ୍ତି ସଂସାରେ । ନୃତ୍ୟ କରନ୍ତି ଯମ ଶିରେ ॥
ସତ୍ୟ ନିର୍ମଳ ଗୁଣ ଧରୁ । ଭକ୍ତଙ୍କ ପାଇଁ ଅବତରୁ ॥
ତପ ସମାଧି ଯୋଗକ୍ରିୟା । ଦେବେ କହନ୍ତି ପ୍ରଭୁ ଯାହା ॥
ତୋ ଆରାଧନୁ ନାହିଁ ଆନ । ପୂରିଣ ଅଛୁ ଥୂଳ ଶୂନ୍ୟ ॥
ତୁ ଯେବେ ନୋହିବୁ ଜଗତେ । ଅଜ୍ଞାନ ନାଶିବୁ କେମନ୍ତେ ॥
ଯେ ତୋତେ ଯେମନ୍ତେ ଚିନ୍ତଇ । ଗୁଣ ପ୍ରକାଶୁ ଦେହ ବହି ॥
ତୋହର ଗୁଣ କର୍ମମାନ । ସଂଖ୍ୟା କେ କରୁ ଭଗବାନ ॥
ମନ ବଚନେ ହେଁ ନ ଜାଣି । କେବଳ ଦେହ ପରିମାଣି ॥
ଶ୍ରବଣେ ତୋର ନାମ ଶୁଣି । ତୋ ନାମ ହୃଦେ ପରିମାଣି ॥
ତୋ ପାଦେ ପୂଜାର ବିଧାନ । ଯେ ହୋଇଥାନ୍ତି ସାବଧାନ ॥
ଜନ୍ମ ମରଣ ତାଙ୍କ ନାହିଁ । ଏମନ୍ତ ପ୍ରଭୁ ଭାବଗ୍ରାହୀ ॥
ତୋହର ପାଦରଜ ଦେଇ । ଉଶ୍ୱାସ କର ନାଥ ମହୀ ॥
ସ୍ୱର୍ଗେ ବସିବୁ ପଦ୍ମନାଭ । ତହିଁ ଦେଖିବୁ ତୋର ପାଦ ॥
ଏ ତୋର ଦେହବନ୍ତ ପଣ । ଏବେ ଜାଣିଲୁ ନାରାୟଣ ॥

ମନୁଷ୍ୟ ଲୀଳାର ଯେ ଭାବ । ସ୍ୱରୂପ ନ ଜାଣନ୍ତି ଦେବ ॥
ମତ୍ସ୍ୟ କର୍ମଠ ନରସିଂହ । କର୍ମେ ବାମନ ହୋଇ ଅଙ୍ଗ ॥
ତୁ ରାଜଋଷିଙ୍କର ବଂଶେ । ଜନମ ହେଲୁ ଯୋଗ ଅଂଶେ ॥
ତିନି ଭୁବନେ ଦୁଃଖ ନାଶି । ଆମ୍ଭଙ୍କୁ ପାଳୁ ବ୍ରହ୍ମରାଶି ॥
ଅବନୀ ଭାରା ଏବେ ହର । ଭୋ ନାଥ ଶରଣ ତୁମ୍ଭର ॥
ଏମନ୍ତେ ପାହିଲା ରଜନୀ । ଦେବକୀ ମୁଖ ଚାହିଁ ଭଣି ॥
ତୋର ଉଦରେ ଜଗନ୍ନାଥ । ଜଗତେ ରଖିବେ ତୋ ସୁତ ॥
କଂସର ଭୟ ଛାଡ଼ ତୁହି । ଯାହାର ନାମେ ଦୁଃଖ ନାହିଁ ॥
ଅରୁଣ ତେଜ ପ୍ରକାଶିଲା । ଦେବଙ୍କୁ ଉଚାଟ ଲାଗିଲା ॥
ବ୍ରହ୍ମା ଶଙ୍କର ଆଦି କରି । ତେବେ ଚଳିଲେ ଯେଝା ପୁରୀ ॥
ପୁରାଣ କଳି ଗୀତ ରସ । କହଇ ଜଗନ୍ନାଥ ଦାସ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମ ସ୍କନ୍ଧେ ବିଷ୍ଣୁ ଜନ୍ମ କଥନେ ନାମ ତୃତୀୟୋଽଧ୍ୟାୟଃ ।

■

## ଚତୁର୍ଥ ଅଧ୍ୟାୟ

### ଶ୍ରୀକୃଷ୍ଣ ଜନ୍ମ

### ଶ୍ରୀ ଶୁକ ଉବାଚ

କହନ୍ତି ଶୁକମୁନି ହସି । ହରି ଚରିତ ପରଶଂସି ॥
ପରୀକ୍ଷିତଙ୍କୁ ଯେ ଚାହିଁଲେ । ଆନନ୍ଦେ ଲୋଚନ ବୁଜିଲେ ॥
ସମାଧି କରି ଯୋଗ ଧ୍ୟାୟି । କୃଷ୍ଣ ପ୍ରସନ୍ନେ ଲେଶ ପାଇ ॥
ପୁଣି କ୍ଷଣକେ ଚକ୍ଷୁ ଫେଇ । ହସି କହନ୍ତି ରାଜା ଚାହିଁ ॥
ଶୁଣ ହେ ଗୋବିନ୍ଦର ଜନ୍ମ । ଯେଣେ ଛାଡ଼ିବ ମତିଭ୍ରମ ॥
ସୂର୍ଯ୍ୟର ତହୁଁ ଷଡ଼ଋତୁ । ପ୍ରକାଶ ହୋଇ ଜନ୍ମ ହେତୁ ॥
ଋତୁଙ୍କ ମଧ୍ୟେ ଶ୍ରେଷ୍ଠ ବଳ । ସଂପୂର୍ଣ୍ଣ ବରଷାର କାଳ ॥
ଭାଦ୍ରବ ମାସ କୃଷ୍ଣପକ୍ଷେ । ସକଳ ଗ୍ରହେ ଛନ୍ତି ଉଚ୍ଚେ ॥
ଅଷ୍ଟମୀ ନିଶି ଅର୍ଦ୍ଧ ଭାଗେ । ରୋହିଣୀ ବୃଷଭ ସଂଯୋଗେ ॥
ବୃଷ ରାଶିରେ ନିଶାକର । ନକ୍ଷତ୍ର ଗ୍ରହେ ବଳିୟାର ॥
ଗମ୍ଭୀର ମେଘନାଦ ଘୋଷ । ପ୍ରଫୁଲ୍ଲ ସାଧୁଙ୍କ ମାନସ ॥

ଏହି ସମୟେ ସୁର ଗାୟେ । ଆକାଶେ ଉତ୍ସବ କରାଏ ॥
ଦୁନ୍ଦୁଭି ବାଦ୍ୟ ନାଦ ଦ୍ୱାରା । ରଙ୍ଗେ ନାଚନ୍ତି ଅପସରା ॥
ଦେବେ କରନ୍ତି ପୁଷ୍ପବୃଷ୍ଟି । ଖଣ୍ଡିବେ ଗୋବିନ୍ଦ ଅରିଷ୍ଟି ॥
ଇନ୍ଦ୍ର ପବନଙ୍କୁ ହକାରି । ବୋଲଇ ଯାଅ ମଧୁପୁରୀ ॥
ତୋହର ବନ୍ଧୁଗଣ ଘେନି । ଆନନ୍ଦେ ବହିବୁ ମେଦିନୀ ॥
କଂସର ବନ୍ଦୀଘରେ ଯାଇ । ବହିବୁ ମଳୟ ପୂରାଇ ॥
ଦିଗେ ଦିଶନ୍ତୁ ପରିମଳ । ବହିବୁ ସୁଗନ୍ଧ ଶୀତଳ ॥
ପବନ ଗଲା ମଧୁପୁରେ । ବହେ ଅମିୟ ରସଭରେ ॥
ନିର୍ମଳ ଦିଶିଲା ଗଗନ । ମହୀମଣ୍ଡଳ ବିଦ୍ୟମାନ ॥
ଗ୍ରାମ ପାଟଣା ପୁର ଦେଶ । ମଙ୍ଗଳ ନାଦେ ଗୀତ ଘୋଷ ॥
ନଦୀଏ ଉଛୁଳିଲେ ଜଳେ । ପକ୍ଷୀଙ୍କ ଶୀକ ବୃକ୍ଷ ଡାଳେ ॥
ସ୍ଥଳଜ ପୁଷ୍ପ ବନେ ଫୁଟି । ଗନ୍ଧ ପ୍ରସରଇ ପ୍ରକଟି ॥
ବିପ୍ରେ ମଙ୍ଗଳ ବେଦନାଦ । ଅନଳେ କ୍ଷେପନ୍ତି ସମିଧ ॥
ଆନନ୍ଦ ହେଉଅଛି ମହୀ । କୃଷ୍ଣ ଜନ୍ମିବେ ଦେହ ବହି ॥
ପୀଡ଼ଇ ଦେବକୀ ଉଦର । ସ୍ୱାମୀକି କହଇ ଉତର ॥
ଭୋ ନାଥ ଚିନ୍ତ ନାରାୟଣେ । କେ କହୁ ଗର୍ଭର ଲକ୍ଷଣ ॥
ଶୁଣି ବସୁଦେବ ଉଠିଲା । ଦେବକୀ କଙ୍କାଳ ଧଇଲା ॥
ଆଦର ଗୋବିନ୍ଦ ସୁମରି । ଭୟେ ଚିନ୍ତଇ ନରହରି ॥
ଆକାଶେ ଉଦେ ନିଶାକର । ଗୋବିନ୍ଦ ଉଦରୁ ବାହାର ॥
ନୀଳଜୀମୂତ ଦେହକାନ୍ତି । ବଳୟ ମଣି ଝଟକନ୍ତି ॥
ପୀତ ବସନ କଟୀ ଶୋହେ । ରୂପେ କୋଟିଏ କାମ ମୋହେ ॥
କଟି ମେଖଳା ସୁନା ସୂତା । ହୃଦରେ ପଦକ ପଇତା ॥
କିରୀଟ କୁଣ୍ଡଳ କଙ୍କଣ । ପାଦେ ନୂପୁର ରୁଣଝୁଣ ॥
ଦିଶଇ ଶଙ୍ଖ ଚକ୍ର ତେଜ । ମର୍କତ ସ୍ତମ୍ଭ ଚତୁର୍ଭୁଜ ॥
ଗଦା କମଳ ଶଙ୍ଖ ଚକ୍ର । ଅଧର ଓଷ୍ଠ ରଙ୍ଗ ନେତ୍ର ॥
ଶ୍ରୀବତ୍ସ ଚିହ୍ନ ହୃଦେ ଶୋହେ । ରତ୍ନ ପାଦୁକା ବେନି ପାଏ ॥
ଅପୂର୍ବ ରୂପ ଯୋଗେଶ୍ୱର । ଦେବ ମାନବେ ଅଗୋଚର ॥
ଦେବକୀ ପ୍ରସବିଣ ସୁତ । ଶ୍ରମେ ହୋଇଲା ମୂରୁଛିତ ॥

ପଛେ ଯେ ବସୁଦେବ ଥିଲା । କୃଷ୍ଣ ରୂପକୁ ଅନାଇଲା ॥
ଧୀରେ ଚାହିଁଲା ବସୁଦେବ । ଦେଖିଲା ଅନାଦି ମାଧବ ॥
କ୍ଷଣେ ରହିଲା ସ୍ଥିର ହୋଇ । କୃଷ୍ଣଙ୍କୁ ଦେଖି ବିଚାରଇ ॥
ପୁଣି ହରିଲେ ତାର ଜ୍ଞାନ । ଚକିତେ ବିଚାରଇ ମନ ॥
ଧାନରେ ଗଙ୍ଗାସ୍ନାନ କଲା । ଅୟୁତେ ଧେନୁ ଉତ୍ସର୍ଗିଲା ॥
ଏ ପୁତ୍ର କଂସ ନ ମାରଇଲେ । ଦେବଇ ଅଳଙ୍କାର ଭଲେ ॥
ଏ ପୁତ୍ର ନ ମଲେ ମୋହର । ପୂଜିବି ପ୍ରଭୁଙ୍କ ପୟର ॥
ଚାହିଁଲା ଗୋବିନ୍ଦ ବଦନ । ପୁଣି ପାଇଲା ଦିବ୍ୟଜ୍ଞାନ ॥
ଭୟେ କମ୍ପଇ ତା ଶରୀର । ଏତ ଅନାଦି ଚକ୍ରଧର ॥
ମୁଁ ଛାର ମନୁଷ୍ୟ ଅଧମ । କିମ୍ପା ହୋଇଲେ ଏ ଜନମ ॥
କି ବୁଦ୍ଧି କରିବଇଁ ମୁହିଁ । କଂସଙ୍କୁ ଡର ଯେ ନୁଅଇ ॥
କୃଷ୍ଣ ଚରଣେ ଦେଇ ଶିର । ସ୍ତୁତିରେ ବୋଲଇ ଉତର ॥
ଦେଖେ ଉଜ୍ଜ୍ୱଳ ବନ୍ଦୀଘର । ଟିକେହେଁ ନ ଦିଶେ ଅନ୍ଧାର ॥
କର ଅଞ୍ଜଳି ଶିରେ ଦେଇ । ସ୍ତୁତି କରଇ କୃଷ୍ଣ ଚାହିଁ ॥
କହଇ ବସୁଦେବ ଶ୍ଳୋକେ । ତୁ କିମ୍ପା ଜାତ ନରଲୋକେ ॥
ତୋହର ଆଦି ଅନ୍ତ ନାହିଁ । ପ୍ରକୃତି ତୋତେ ନ ଜାଣଇ ॥
କେବଳ ସୂକ୍ଷ୍ମ ରୂପେ ଶୂନ୍ୟ । ମୁନିଙ୍କ ଚିତ୍ତେ ଜ୍ଞାନ ଗମ୍ୟ ॥
ତୋହର ମାୟାରେ ଜଗତ । ତୁ ଯେ ହୋଇଲୁ ଦେହବନ୍ତ ॥
ମହତ ଆଦି ପଞ୍ଚଭୂତ । ସୃଷ୍ଟି କରନ୍ତି ଆତଯାତ ॥
ହରନ୍ତି ଅନ୍ତକାଳେ ଜୀବ । ନାହିଁ ତାହାଙ୍କର ସମ୍ଭବ ॥
ବୁଦ୍ଧି ଲକ୍ଷଣ ଗୁଣ ଯେନି । ତୋତେ ଚିହ୍ନନ୍ତି ଆତ୍ମଜ୍ଞାନୀ ॥
କାହିଁ ଦେଖିବେ ଦେହବନ୍ତ । ବାହାରେ ଭିତରେ ଅନନ୍ତ ॥
ଜଗତ ତୋହଠାରୁ ଜାତ । ପାଳିଣ ପୁଣି କରୁ ଅନ୍ତ ॥
ଜଗତ ଉପୁଜିଲା କାଳେ । ଅରୁଣ ହେଉ ଯୋଗବଳେ ॥
ପାଳିବା କାଳେ ଶୁକ୍ଳବର୍ଣ୍ଣ । ସଂସାରେ ବୋଲାଉ ତୁ ଧର୍ମ ॥
ସଂହାର କାଳେ କୃଷ୍ଣରୂପ । ତୋର ବିହାର ମୋହ କଳ୍ପ ॥
ତୁ ଏବେ ମୋର ଘରେ ଜାତ । ଅଂଶେ ହୋଇଲୁ ଦେହବନ୍ତ ॥
ଜାଣିଲି ଯେତେକ ଅସୁର । ନାଶ କରିବୁ ମହୀସ୍ଥିର ॥

ତୋହର ଜନ୍ମ ମୋର ଘରେ । ଶୁଣିଣ କଂସ କୋପଭରେ ॥

ଛ ପୁତ୍ର ମାରିଲା ମୋହର । ତୁ କି ନ ଜାଣୁ ଚକ୍ରଧର ॥

ପ୍ରହରୀମାନେ ଜଗିଛନ୍ତି । ଶୁଣିବେ ବୋଲି କରେ ଭ୍ରାନ୍ତି ॥

କଂସକୁ କହିବେ ତ୍ୱରିତେ । ସେ ଆସି ମାରିବଟି ତୋତେ ॥

ତୋତେ ହିଁ ତୁହି ରକ୍ଷାକର । ମୁଁ ଛାର ମନୁଷ୍ୟ ମାତର ॥

ଏମନ୍ତେ ଗଡ଼ଘାଲି ଶୋଇ । କହଇ କୃଷ୍ଣ ମୁଖ ଚାହିଁ ॥

ଶୀତଳ ବହଇ ପବନ । ଦେବକୀ ପାଇଲା ଚେତନ ॥

ଚକ୍ଷୁ ଫେଡ଼ିଣ ଚାହେଁ ଧୀର । ଯେହ୍ନେ ଉଦୟ ନିଶାକର ॥

ଚାହିଁଲା ପୁତ୍ରର ବଦନ । ଚକିତେ ହୁଏ ଛନ୍ନ ଛନ୍ନ ॥

ଅପୂର୍ବ କାହୁଁ ଏ ଅଇଲା । ଜଗତେ କାହିଁ ନ ଦେଖିଲା ॥

ଏତ ପୁରୁଷଙ୍କ ଉତ୍ତମ । କି ଅବା ସ୍ୱୟଂ ଭଗବାନ ॥

ଆନନ୍ଦ ମୁଖ ଜ୍ଞାନମୟ । ଦେଖି ପାଇଲା ଦେବୀ ଭୟ ॥

ବିକଳେ ବେନି କରଯୋଡ଼ି । ହା କୃଷ୍ଣ ବୋଲି ପାଦେ ପଡ଼ି ॥

ଚଞ୍ଚଳ ମନ କରି ସ୍ଥିର । ଦେବକୀ କହଇ ଉତର ॥

ଭୋ ନାଥ ନିସ୍ତରିଲି ମୁହିଁ । ତୋହର ଆଦିଅନ୍ତ ନାହିଁ ॥

ମନ ବଚନେ ନ ପାଇ । ପ୍ରସନ୍ନ ହୁଅ ନାଥ ତୁହି ॥

ଜ୍ୟୋତି ସ୍ୱରୂପ ନିରଞ୍ଜନ । ପୂର୍ଣ୍ଣ ନିର୍ମଳ ଦିବ୍ୟଜ୍ଞାନ ॥

ବେଦେ ଗୋଚର ନୋହେ ଯେହୁ । ଅଧାମୁ ଦିବ୍ୟ ମହାବାହୁ ॥

ପ୍ରଳୟକାଳେ ମହୀ ନାଶେ । ସକଳ ଲୁଚନ୍ତି ଆକାଶେ ॥

ମନର ମୂଳେ ପଞ୍ଚମନ । ତୋହର ଦେହେ ହୋନ୍ତି ଲୀନ ॥

ରବି ଶଶୀଙ୍କ ନାହିଁ କେହି । ତୁ ମାତ୍ର ରହୁ ଶେଷ ହୋଇ ॥

ନିମିଷ ଆଦି ଯେହୁ କାଳ । ତୋହର ଚକ୍ଷୁ ଅନ୍ତରାଳ ॥

ଦେଖଇ ପ୍ରାଣୀଙ୍କୁ ନିରତ । କରଇ କ୍ଷଣେ କ୍ଷଣେ ଗସ୍ତ ॥

ଶରଣ ତୋର ପାଦେ ଯହୁଁ । ସେ ମୃତ୍ୟୁ ପାଇବଟି କାହୁଁ ॥

ବାହୁଡ଼ି ଯାଏ ସେ ନିରାଶେ । ସେ ପ୍ରାଣୀ ରହେ ତୋରପାଶେ ॥

ତୁ ଏବେ ରଖ ହରି ତୋତେ । କଂସକୁ ନ ଯାଇ ପରତେ ॥

ମୋର ଉଦରୁ ତୋର ଜାତ । ଲୋକେ କହିବେ କାହୁଁ ସତ ॥

ତୋ ରୂପ ନ ଜାଣନ୍ତି କେହି । କଂସକୁ ମୋର ଡର ହୋଇ ॥

ଶୁଣି କହନ୍ତି ନାରାୟଣ । ହେ ମାତ ଶୁଣ ମୋ ବଚନ ॥
ଯେ ବ୍ରହ୍ମା ସୃଷ୍ଟି ଭିଆଇଲା । ତୁମ୍ଭ ଦୁହିଁକି ଜାତ କଲା ॥
ତାର ଆଦେଶ ଘେନି ଶିରେ । ମିଳିଲେ ଗହନ ବନରେ ॥
ଅନେକ ଦୁଃଖେ ତପ କରି । ଜଳ ପବନ ପତ୍ର ଚିରି ॥
ଗ୍ରୀଷ୍ମ ବରଷା ଶୀତ ହିମେ । ଶ୍ୱାସ ନିରୋଧି ମହାଶ୍ରମେ ॥
ଶତେ ବରଷ ଦେବ ମତେ । ତପ ସାଧିଲ ଦୃଢ଼ ଚିତ୍ତେ ॥
ନିରତେ କଲ ମୋତେ ଧ୍ୟାନ । ମୁଁ ପୁଣି ହୋଇଲି ପ୍ରସନ୍ନ ॥
ଆନନ୍ଦେ ଯାଚିଲି ମୁଁ ବର । ଜାଣଇ ତୁମ୍ଭର ବିଚାର ॥
ମୋର ଭକତି ହୃଦେ ନେଇ । ମାଗି ବୋଲନ୍ତି ତୁମ୍ଭେ ଦୁଇ ॥
କହିଲେ ଶୁଣ ଚକ୍ରଧର । ଆମ୍ଭର ହୋଇବ କୁମର ॥
ମୋହର ନାମ ଭାବଗ୍ରାହୀ । ଜନ୍ମିଲି ନିଜ ଦେହ ବହି ॥
ପୁତ୍ର ଲାଳସେ ପାଳି ମୋତେ । ଯିବ ମୋର ଦେହ ଅନ୍ତେ ॥
ଦେବଙ୍କ ବଚନେ ମୁଁ ଜାତ । ଅସୁର କରିବି ନିପାତ ॥
ଏବେ କଥନେ ନାହିଁ ବେଳ । ମୋତେ ଘେନିଣ ବେଗେ ଚଳ ॥
ନନ୍ଦର ଘରେ ମୋତେ ଥୋଇ । କନ୍ୟାକୁ ଆଣ ପାଲଟାଇ ॥
ଏମନ୍ତ କହି ନରହରି । ନବ ବାଳୁତ ରୂପ ଧରି ॥
ଗୋବିନ୍ଦ ଆଜ୍ଞା ଘେନି ଶିରେ । କୋଳେ ଧରିଲା ଚକ୍ରଧରେ ॥

## ଶ୍ରୀକୃଷ୍ଣଙ୍କୁ ଘେନି ବସୁଦେବ ନନ୍ଦ ଘରକୁ ଯାତ୍ରା

ଫିଟିଲା ପାଦର ଶାଙ୍କୁଳି । ବାଟ କଢ଼ାଇଲା ବିଜୁଳି ॥
କୋଳରେ ଦେଖି ନାରାୟଣ । କବାଟ ଫିଟିଲା ତକ୍ଷଣ ॥



ନିଦ୍ରାରେ ମୋହିତ ସକଳ । ବୃଷ୍ଟି କରନ୍ତି ମେଘମାଳ ॥
ତିନ୍ତିବା ଦେଖି ଜଗନ୍ନାଥ । ଫଣାରେ ଢାଙ୍କିଲା ଅନନ୍ତ ॥

ଘେନିଣ ଯାନ୍ତେ ଭଗବାନ । ଆଗେ ଭଗାଳେ ଉଗ୍ରସେନ ॥
ବୋଲଇ କାହିଁ ଆରେ ଚୋର । ନିଶାରେ ହୋଇଛୁ ବାହାର ॥
କଂସ ପ୍ରତାପ କି ନ ଜାଣୁ । ଚିରେ କେମନ୍ତେ ପରମାଣୁ ॥
ଜୀବନ ଆଜ ହରାଇବୁ । କୁଳ ସହିତ ନାଶ ଯିବୁ ॥
ଶୁଣି କମ୍ପଇ ବସୁଦେବ । ବିପତ୍ତି ଦେଲୁ ଦେ ଦଇବ ॥
ହା କୃଷ୍ଣ ବୋଲିଣ ବିକଳ । ଚକ୍ଷୁରୁ ବହେ ଅଶ୍ରୁଜଳ ॥
ବୋଲଇ ଉଗ୍ରସେନ ବୀର । କାଲି ମାରିବ କଂସାସୁର ॥
ଯେତେ ବାଳକ ତୋର ଜାତ । ସବୁଙ୍କୁ କରିବ ଯେ ହତ ॥
ଶୁଣି ଆରତ ବସୁଦେବ । ବିକଳେ ଚିନ୍ତଇ ମାଧବ ॥
ପିତାର ଦେଖିଣ ବିକଳ । କହନ୍ତି ପ୍ରଭୁ ଆଦିମୂଳ ॥
ଏକଥା ପ୍ରଘଟ ନ କର । ଆଜହିଁ ଯେ ଯିବୁ ଗୋପପୁର ॥
ତୁ କି ନ ଜାଣୁ ଉଗ୍ରସେନ । ଆମ୍ଭେ ହୋ ପ୍ରଭୁ ଭଗବାନ ॥
ଭାରା ଯେ ନ ସହିଲା ମହୀ । ଏହା ଯେ ନିବାରିବି ମୁହିଁ ॥
ଶୁଣି କହଇ ଉଗ୍ରସେନ । ଦେଖାଅ ଶଙ୍ଖ ଚକ୍ର ଚିହ୍ନ ॥
ସ୍ତୁତି କରିଣ ଉଗ୍ରସେନ । ଚରଣେ କଲା ପରଣାମ ॥
ଶ୍ରୀମୁଖେ ଆଜ୍ଞା ତାଙ୍କୁ ଦେଲେ । ନୃପତି ହୋଇବୁ ବୋଇଲେ ॥
ଉଗ୍ରସେନଙ୍କୁ ପୁଷ୍ପମାଳି । ହରଷେ କୃଷ୍ଣ ଦେଲେ ତୋଳି ॥
ତହୁଁ ଚଳିଲା ବସୁଦେବ । ପଥେ ନ ରହି ଏକଲାବ୍ୟ ॥
ନଦୀର ତୀରେ ଯାଇ ମିଳି । ଦେଖିଲା ଯମୁନା ଉଛୁଳି ॥
ଯମର ଭଗିନୀ ଯୁକତ । ଗଭୀର କେ କରିବ ଅନ୍ତ ॥
ବହଇ ଅତି ପରଖର । ଫେଣରେ ଦିଶେ ଭୟଙ୍କର ॥
ନଦୀରେ ପଶିଲା ବହନ । କାତରେ ଅତି ଭୀତ ମନ ॥
ନାସାରେ ପଶନ୍ତେଣ ପାଣି । ଶିରେ ବସାଇ ଚକ୍ରପାଣି ॥
ବୁଡ଼ିଣ ଯାଇ ବସୁଦେବ । ହୃଦେ ଚିନ୍ତଇ ପଦ୍ମନାଭ ॥
ହରିଙ୍କୁ ଦେଖି ଭୟ କଲା । ବାଲି ବନ୍ଧରେ ବାଟ ଦେଲା ॥

ଚଳିଲା ନଦୀ ପାର ହୋଇ । କୃଷ୍ଣଙ୍କୁ ହୃଦରେ ଲଗାଇ ॥
ମିଳିଲା ଯାଇ ଗୋପପୁରେ । ତକ୍ଷଣେ ନନ୍ଦର ମନ୍ଦିରେ ॥
ଅମ୍ବିକା ହୋଇଛନ୍ତି ଜାତ । ଜଗତ ନିଦ୍ରାରେ ମୋହିତ ॥
ଯଶୋଦା କୋଳେ କୃଷ୍ଣ ଥୋଇ । କନ୍ୟା ଆଣିଲା ପାଲଟାଇ ॥
ମିଳିଲା ଦେବକୀ ନିକଟ । ତକ୍ଷଣେ ପଡ଼ିଲା କବାଟ ॥
ଲାଗିଲା ଚରଣେ ଶାଙ୍କୋଳି । ଦୁହିତା ଛାଡ଼ିଲା ବୋବାଳି ॥
ହରି ଚରିତ ସୁଧାବାଣୀ । ଶୁଣି ନିର୍ମଳ ହୁଅ ପ୍ରାଣୀ ॥
କୃଷ୍ଣର ଜନ୍ମ ଉଚ୍ଚାର । ଶୁଣି ସଂସାରୁ ହୁଅ ପାର ॥
ପରୀକ୍ଷିତଙ୍କୁ କହେ ମୁନି । ଗୀତେ ମୁଁ ବିରଚିଲି ଆଣି ॥
ପୁରାଣ ଶିରୀ ଭାଗବତ । କହଇ ବିପ୍ର ଜଗନ୍ନାଥ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଦଶମ ସ୍କନ୍ଧେ ଶ୍ରୀକୃଷ୍ଣଜନ୍ମ ବର୍ଣ୍ଣନେ ନାମ ଚତୁର୍ଥୋଽଧ୍ୟାୟଃ

■

## ପଞ୍ଚମ ଅଧ୍ୟାୟ

### କଂସ ଦୁର୍ଗାଙ୍କୁ କଚାଡ଼ିବା ଓ କୃଷ୍ଣ ବଧର ଚେଷ୍ଟା

ଶୁଣି ଆନନ୍ଦ ମହୀରାଜା । ମୁନି ଚରଣେ କଲେ ପୂଜା ॥
ଆନନ୍ଦେ ଲୋଟଇ ଧରଣୀ । କୃତାର୍ଥ କୃଷ୍ଣ ଜନ୍ମ ଶୁଣି ॥
ଭକତି ଦେଖିଣ ତାହାର । କହନ୍ତି ବ୍ୟାସଙ୍କ କୁମର ॥
ଶୁଣ ପରୀକ୍ଷ ଦଣ୍ଡଧାରୀ । ଶିଶୁ କୁମାରୀ ରାବ କରି ॥
ଶୁଣି ପ୍ରହରୀ ବେଗେ ଗଲେ । କଂସର ଛାମୁରେ କହିଲେ ॥
ଶୁଣି ଅସୁର ଅନ୍ତରାଳ । ବୋଇଲା ପୂରିଲା ମୋ କାଳ ॥
ଶଯ୍ୟା ଉପେକ୍ଷି ବେଗେ ଉଠି । ଖଡ଼୍‌ଗେ କଲା ଦୃଢ଼ ମୁଷ୍ଟି ॥
ଧାଇଁଲା ପବନହୁଁ ଖରେ । ବେଗେ ମିଳିଲା ବନ୍ଦୀ ଘରେ ॥
ଫିଟିଲା ବଜ୍ର ଅର୍ଗଳ । ଫିଟିଲା ଦୃଢ଼ ବନ୍ଧ ବାଡ଼ ॥
କବାଟ ଫିଟାଇ ପଶିଲା । ଦେଖି ଦେବକୀ ଭୟ କଲା ॥
କଂସ କମ୍ପଇ କୋପଭରେ । ରତ୍ନମୁକୁଟ ଅଛି ଶିରେ ॥
ଦେଖିଣ କମ୍ପଇ ଦେବକୀ । କାନ୍ଦଇ ଅତି ଦୁଃଖେ ଦୁଃଖୀ ॥

ବୋଲଇ ଶୁଣ ନରନାଥ । ହୋଇଲା ଦୁହିତାଏ ଜାତ ॥
ତୋର ପୁତ୍ରକୁ ଏହା ଦେବି । ଆନନ୍ଦେ ବିଭା କରାଇବି ॥
ବହୁତ ଦେଲୁ ଗର୍ଭ କଷ୍ଟ । ପୋଡୁ ନିର୍ଲ୍ଲଜ ମୋର ପେଟ ॥
ଜୀବନ ଥିବ କି ମୋହର । ମରିବି ହତ୍ୟା ହେଉ ତୋର ॥
ଆଉ ବୟସ ମୋର ନାହିଁ । ପାରିବି ପୁତ୍ର ଉପୁଜାଇ ॥
ଜୀବନ ହେଉ ମୋର ଧିକ । ଦୁହିତା ଦାନ ଦେଇ ରଖ ॥
ସଙ୍ଖାଳି ହେଉ ବୃଦ୍ଧକାଳେ । ପଡୁଛି ତୋର ପାଦ ତଳେ ॥
ଶୁଣି ଦାନବ ପରଜ୍ୱଳି । କୋପେ କହଇ ଦେଇ ଗାଳି ॥
ଦେଖିଣ ଚକିତ ଦେବକୀ । ଭୟେ ବୁଜିଲା ବେନି ଆଖି ॥
କୋଳରେ ଲୁଚାଇ ଦୁହିତା । ଶରଣ ଗଲି ରଖ ଭ୍ରାତା ॥
କଂସ କହଇ ଶିର ଧୁଣି । ତୁ ଛାଡ଼ ମୋହର ଭଉଣୀ ॥
ବସୁଦେବର ଦୋଷ ନାହିଁ । ତୁ ମୋର ଅଛୁ ବାଟ ଚାହିଁ ॥
ମୋର ମରଣେ ତୋର ସୁଖ । ଦୈବ ଦେଉଅଛି ଦୁଃଖ ॥
ତୁ କି ନ ଜାଣୁ ହରି ମାୟା । ଅସୁରଠାରେ ସେ ନିର୍ଦ୍ଦୟା ॥
ନାନା ରୂପରେ ହୋଇ ଜାତ । ଦେବଙ୍କୁ କରାଏ ନିପାତ ॥
ବଇଲୋଚନ ବୀର ଥିଲା । ଭାର୍ଯ୍ୟା ରୂପେ ତାକୁ ମାଇଲା ॥
ମହିଷା ମାରେ ଦୁର୍ଗା ହୋଇ । ତା ମାୟା ନ ଜାଣୁ ଲୋ ତୁହି ॥
ନାରଦେ କହିଛନ୍ତି ମୋତେ । ଏ ମୋତେ ମାରିବ ଯୁକତେ ॥
ଅଷ୍ଟମ ଗର୍ଭେ ମୋ ବଇରୀ । ଏହାର ହସ୍ତେ ମୁହିଁ ମରି ॥
ଚାହିଁଲା ଅଧର କାମୋଡ଼ି । କୋଳରୁ ଆଣିଲା ଉଛୁଡ଼ି ॥
ବେନି ଚରଣ ଧରି କରେ । ବୁଲାଇ ପିଟିଲା ଶିଳାରେ ॥
ଯେ ଦେବ ଜଗତ ସଂହାରେ । କାହାର ବଳ ତାକୁ ମାରେ ॥
କଂସର ହସ୍ତରୁ ଉଛୁଳି । ଆକାଶେ ଯେସନେ ବିଜୁଳି ॥
ତେବେ ଦଶଦିଗ ବିରାଜି । ବେନି ଚରଣ ଅଷ୍ଟଭୁଜା ॥
କେ କହୁ ଦେବୀ ଆଭରଣ । ଅନଙ୍ଗ ନୂପୁର କଙ୍କଣ ॥
ଗନ୍ଧ ଚନ୍ଦନ ପୁଷ୍ପମାଳି । ତ୍ରିଦଶକୋଟି ଦେବେ ମିଳି ॥
ସ୍ତୁତି କରନ୍ତି ସୁରମୁନି । କଂସକୁ କହନ୍ତି ଭବାନୀ ॥
ରେ କଂସ ଶୁଣ ମୋ ଉତ୍ତର । ତୋର ବଇରୀ ଚକ୍ରଧର ॥

ତୋହର ପାଇଁ ଦେହ ବହି । ଜନ୍ମ ହୋଇଲେ ଯହିଁ ତହିଁ ॥
ସେ ତୋତେ କରିବେ ସଂହାର । ଆଉର ଯେତେକ ଅସୁର ॥
ତୁ ମୋତେ ନ ଜାଣି କଟାଳୁ । ନିୟତ ପଥ କିମ୍ପା ଭୁଲୁ ॥
ଦେବେ ତୋହର ନିଜ ବୈରୀ । ତାହାଙ୍କ କୋଳକୁ ତୁ ଡରି ॥
ଛ' ପୁତ୍ର ମାଇଲୁ ଏହାର । ଧର୍ମକୁ ଛାଡ଼ିଲୁ ଅସୁର ॥
ଏହାକୁ ବନ୍ଧୀଘରୁ ଫେଡ଼ । ବେନି ଚରଣ ତଳେ ପଡ଼ ॥
ତୋଷିଣ ନିଅ ନିଜ ପୁର । ତୋର ବଇରୀ ଚକ୍ରଧର ॥
କହି ଚଳିଲେ ନିଜ ସ୍ଥାନ । ଉଚାଟ କରି କଂସ ମନ ॥
ଯାହା କହିଲେ ଜଗନ୍ନାଥ । ଜଗତେ ହୋଇଲା ବିଖ୍ୟାତ ॥
ଦେବୀ ବଚନ କଂସ ଶୁଣି । ବିଚାର କଲା ମନେ ପୁଣି ॥
ନଜାଣି ବିଧାତାର ଗତି । ସୋଦରେ କଲଇଁ ଅନୀତି ॥
ଅନେକ କଲି ମୁହିଁ ଦୋଷ । କେମନ୍ତେ କରିବି ବିଶ୍ୱାସ ॥
କିସ କରିବି ମନେ ଭାଳି । ହସ୍ତୁ ଫିଟାଇ ଶାଙ୍କୁଳି ॥
ଚାହିଁଲା ଦେବକୀ ବଦନ । କହଇ ମଧୁର ବଚନ ॥
ଦେବକୀ ବସୁଦେବ ଶୁଣ । ତୁମ୍ଭରେ କଲି ଦ୍ରୋହପଣ ॥
ମୁହିଁ ଯେ ସ୍ୱଭାବେ ଅସୁର । ଭଣଜା ମାଇଲି ମୋହର ॥
ତୁମ୍ଭଙ୍କୁ ଦେଲି ପୁତ୍ର କଷ୍ଟ । ମୋହର କଲି ଧର୍ମ ନଷ୍ଟ ॥
ସଂସାରେ କଲି ଅପଯଶ । ନରକେ ହୋଇବି ପ୍ରବେଶ ॥
ଦେହ ବହିଲେ ନିଶ୍ଚେ ମରି । ସଂସାରେ କେ ନୁହେଁ କାହାରି ॥
ବୃକ୍ଷର ତଳେ ଜନେ ଆସି । ପଥିକ ବିଶ୍ରାମନ୍ତି ବସି ॥
ପୁଣି ଚଳନ୍ତି ଶ୍ରମ ସାରି । ସେ ବୃକ୍ଷ ନୁହଇଁ କାହାରି ॥
ତେମନ୍ତେ ମାୟା ଏ ସଂସାର । କେ ପିତା କେ କାହା କୁମର ॥
ଅର୍ଜିଲା କର୍ମେ ଆତଯାତ । ମାୟା ଭିଆଣ ତାତମାତ ॥
ବୁଦ୍ଧି ବିଚାରି ଯାହା କରି । ଭୁଞ୍ଜନ୍ତି ସେ ଫଳ ଆବୋରି ॥
ଦୋଷ କରିବ ମୋର କ୍ଷମା । ସ୍ୱଭାବେ ମୁହିଁ ଦୁରାତମା ॥
ଏମନ୍ତ କହି ଶୋକ କରି । ପାଦେ ପଡ଼ିଲା କରଯୋଡ଼ି ॥
ସୁହୃଦପଣ ଦେଖାଇଲା । ଅନେକ ଧନ ରତ୍ନ ଦେଲା ॥
ନିଜ ମନ୍ଦିରେ ଦେଲା ବାସ । ଅନେକ କରାଇ ବିଶ୍ୱାସ ॥
କଂସର ଭାବ ଭକ୍ତି ଦେଖି । ସନ୍ତାପ ଛାଡ଼ିଲା ଦେବକୀ ॥

ସନ୍ତୋଷ ହୋଇ ବସୁଦେବ । ଦିନକୁ ଦିନ ବଢ଼ୁଭାବ ॥
ଏମନ୍ତେ ରଜନୀ ପାହିଲା । କଂସ ମନ୍ଦିରେ ବିଜେ କଲା ॥
ଅସୁର ଗଣଙ୍କୁ ବସାଇ । କହଇ ବିଶ୍ୱାସ କରାଇ ॥
ଶୂନ୍ୟେ ଚଣ୍ଡିକା ଯାହା ଭଣି । ସବୁ କହିଲେ ପରମାଣି ॥
କଂସର ଦେଖିଣ କାତର । ଅସୁରେ କହନ୍ତି ଉତ୍ତର ॥
ଏମନ୍ତ ଯେବେ ଅଛୁ ଜାଣି । ଯାହା କହିଲେ ନାରାୟଣୀ ॥
ତୋହର ଆଜ୍ଞା ଘେନି ଶିରେ । ବୁଲିବୁ ସକଳ ଦେଶରେ ॥
ଦିନଇଠାରୁ ଯେତେ ବାଳ । ତାଙ୍କର ପୂରାଇବୁ କାଳ ॥
ଯେତେ ବାଳକ ବସୁନ୍ଧରୀ । ସକଳ ପକାଇବୁ ମାରି ॥
ତୁ କିମ୍ବା ଡରୁ ଦେବଗଣେ । ସେବନ୍ତି ତୋହରି ଚରଣେ ॥
ତୋ ତୁଲେ କରିବେ ସଂଗ୍ରାମ । ଦେବେ ନୁହନ୍ତି ସରିସମ ॥
ତୋହର ଧନୁଘୋଷ ଦେଖି । ପଳାନ୍ତି ସମର ଉପେକ୍ଷି ॥
ଜୀବନ ପାଇଁ ଛାଡ଼ି ରଣେ । ଦେବେ ପଳାନ୍ତି ବଣେ ବଣେ ॥
କେ ପିନ୍ଧି ନ ପାରନ୍ତି ବାସ । ଜୀହାର ଭୟେ ଫିଟେ କେଶ ॥
ନିସତେ ପଳାବନ୍ତି ଯହୁଁ । ନ ମାରି ତାଙ୍କୁ ଦୟା ବହୁ ॥
ଜୀବନ ପାଇଁ ଯାର ଆଶ । ସେ ତୋର କରିବେଟି କିସ ॥
ତହୁଁ ଅଧିକ ତିନି ଦେବ । ବ୍ରହ୍ମା ଶଙ୍କର ବାସୁଦେବ ॥
ଆପଣା ସୁଖେ ସେ ରହନ୍ତି । ତାହାଙ୍କୁ ତୋର ନାହିଁ ଭ୍ରାନ୍ତି ॥
ଅଗାଧ ସାଗରକୁ ଜଳେ । ଶୟନ ଅନନ୍ତର କୋଳେ ॥
ପାଦେ ଘଟନ୍ତି ଦେବି ନାରୀ । ସୁଖେ ଶୟନ ଦେବ ହରି ॥
ସେ କାହିଁ ତୋର ତୁଲେ ରଣ । ମିଛ କହିଲେ ଦେବଗଣ ॥
ବ୍ରହ୍ମା ଯେ ଥାଇ ତାର ସୁଖେ । ଚିନ୍ତା କରଇ ତିନି ଲୋକେ ॥
ତପହୁଁ ନ ଜାଣଇ ଆନ । ଚିନ୍ତଇ ପ୍ରଭୁ ଭଗବାନ ॥
ଶଙ୍କର ଥାଇ ଭୂତ ମେଳେ । ଅମ୍ବିକା ଥାଇ ତାର କୋଳେ ॥
ସେ କିମ୍ବା ସମର କରିବ । ନିତ୍ୟ ଉଦାସୀ ସଦାଶିବ ॥
ଇନ୍ଦ୍ର ତୋ ବଳେ ନୁହେଁ ସରି । ତୋତେ ତ ଦିଗପାଳେ ଡରି ॥
ଶୂନ୍ୟେ କହିଲେ ଦେବୀ ଯାହା । ଅନ୍ୟଥା କେ କରିବ ତାହା ॥
ତୋର ବଇରୀ ଯେବେ ହରି । ସେ ଥାନ୍ତି ସର୍ବଘଟେ ପୂରି ॥
କେ ତାଙ୍କୁ ପାଇବ ତ୍ରିଲୋକେ । ଶୁଣ କହିବୁ କଉତୁକେ ॥

ଦେବତାମାନେ ତାର ମୂଳ । ଯେ ଧର୍ମ କରିଛି ଶ୍ରୀଧର ॥
ଦେବେ ତାହାର ତହୁଁ ଜନ୍ମ । ଦେବହୁଁ ଯେହ୍ନେ ନିତ୍ୟକର୍ମ ॥
ଗୋଭୂ ବ୍ରାହ୍ମଣ ଯଜ୍ଞଦାନ । ତୀର୍ଥ ଦକ୍ଷିଣା ତପ ଶ୍ରମ ॥
ତପ କରନ୍ତି ଯେତେ ଲୋକେ । ବିଷ୍ଣୁଙ୍କୁ ପୂଜନ୍ତି ସେ ଥୋକେ ॥
ଶ୍ରଦ୍ଧା କରନ୍ତି ଯେହୁ ଧର୍ମେ । ଦୟା ବହନ୍ତି ଦୁଃଖୀ ଜନେ ॥
କରନ୍ତି ପର ଉପକାର । ଯମ ଲୋକକୁ ଯାର ଡର ॥
ଏହାଙ୍କ ଦେହେ ଥାଇ ହରି । ଏ ମଲେ ମରଇ ମୁରାରି ॥
ଏ ଆମ୍ଭ ଉଚିତ ବିଚାର । ଏମନ୍ତେ ଶତ୍ରୁ ଜୀବମାର ॥
ଶିଶୁଙ୍କୁ ବାଳକାଙ୍କୁ ମାରି । ନ ମଲେ ଦିନୁ ଦିନ ଡରି ॥
ଦେହରେ ବ୍ୟାଧି ଜନ୍ମକାଳେ । ହେଲା ଯେ କରେ ସୁଖଭୋଳେ ॥
ଯେ ଯେହ୍ନେ ନିରତେ ବଢ଼ଇ । ଶତ୍ରୁର ସ୍ୱଭାରିତି ଏହି ॥
ଆଜ୍ଞା ତୁ ଦିଅ ବେଗକରି । ହରିଙ୍କୁ ପକାଇବୁ ମାରି ॥
ଅସୁରଙ୍କର ବୋଲ ଶୁଣି । କଂସ ଆନନ୍ଦ ମନେ ଗୁଣି ॥
ଅନେକ କଲା ଯେ ପ୍ରଶଂସା । ଚିତ୍ତ ମଣିଲା ବିଷ୍ଣୁ ହିଂସା ॥
ଜଣ ଜଣକେ ଶାଢ଼ୀ ଦେଲା । ତ୍ରୈଲୋକି ସଂହାର ବୋଇଲା ॥
ଅସୁର କଲେକ ବିଶ୍ୱାସ । ଅମୃତ ମଣେ କାଳବିଷ ॥
ତକ୍ଷଣେ ହୋଇ କାମରୂପୀ । ପଶିଲେ ବନଗିରି ବ୍ୟାପୀ ॥
ଗ୍ରାମ ପାଟଣାପୁର ପ୍ରଦେଶ । ଅନେକ ଶିଶୁ କଲେ ନାଶ ॥
ଦାନବ ବୁଦ୍ଧି ମୂଢ଼ପଣ । ସାଧୁଙ୍କୁ ଦିଅନ୍ତି କଷଣ ॥
କଂସ ବଇରୀ ଅଛି କାହିଁ । ନିତ୍ୟେ ଖୋଜନ୍ତି ଭାବଗ୍ରାହୀ ॥
ତାମସ ଗୁଣେ ଆଚରିଲେ । ନିକଟେ ମରଣ ଲୋଡ଼ିଲେ ॥
ଆୟୁଷ ବଳ ଯଶ ଧର୍ମ । ଲୋକେ ଆଶିଷ ଶୁଭକର୍ମ ॥
ଏ ଆଦି ସର୍ବନାଶ କରେ । ହିଂସା କରନ୍ତି ଯେହୁ ପରେ ॥
ସୁଜନେ ଶୁଣ ହରି କଥା । ଫିଟିବ ଭବ ବନ୍ଧ ବ୍ୟଥା ॥
ବ୍ରହ୍ମଲୋକରୁ କାଟଯାଏ । ହିଂସ୍ରକ ହରିଙ୍କୁ ନ ପାଏ ॥
ଯେ ହରି ଦୁଃଖୀଙ୍କ ସୋଦର । ହିଂସା ନାଶିବେ ପ୍ରଭୁ ମୋର ॥
କୃଷ୍ଣର ପାଦେ ଦେଇ ଚିର । କହଇ ବିପ୍ର ଜଗନ୍ନାଥ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ଦଶମସ୍କନ୍ଧେ ଅସୁରପ୍ରେରଣେ
ନାମ ପଞ୍ଚମୋଽଧ୍ୟାୟଃ ।

■

# ଜନ୍ମାଷ୍ଟମୀ ବ୍ରତ ପୂଜା ବିଧି

ପୂର୍ବଦିନେ ହବିଷ୍ୟଂ କୃତ୍ୱା ପରଦିନେ କୃତ୍ୟ ନିତ୍ୟକ୍ରିୟାଃ
ଶାଳଗ୍ରାମ ସମ୍ମୁଖେ ଶୁଦ୍ଧାସନେ ଉପବିଶ୍ୟ କୃତାଞ୍ଜଳିଃ ପଠେତ୍
ଓଁ ଅପବିତ୍ରଃ ପବିତ୍ରୋବାଃ ସର୍ବାବସ୍ଥାଂ ଗତୋଽପିବା ।
ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସବାହ୍ୟାଭ୍ୟନ୍ତରଃ ଶୁଚିଃ ।
ଓଁ ସର୍ବମଙ୍ଗଳ ମାଙ୍ଗଲ୍ୟଂ ବରେଣ୍ୟ ବରଦଂ ଶୁଭଂ
ନାରାୟଣଂ ନମସ୍କୃତ୍ୟଂ ସର୍ବକର୍ମାଣି କାରୟେତ ।

ମନ୍ତ୍ର ଓଁ କର୍ତ୍ତବ୍ୟେଽସ୍ମିନ୍ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବ୍ରତ କର୍ମାଣି ପୁଣ୍ୟାହଂ ଭବୋନ୍ତଽଧି ବ୍ରୁବନ୍ତୁ । ଓଁ ପୁଣ୍ୟାହଂ ଓଁ ପୁଣ୍ୟାହଂ ଓଁ ପୁଣ୍ୟାହଂ । କର୍ତ୍ତବ୍ୟୋଽସ୍ମିନ୍ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବ୍ରତ କର୍ମାଣି ଋଦ୍ଧି ଭବନ୍ତୋଽଧି ବ୍ରୁହନ୍ତି । ଓଁ ଉଧତାଂ ଓଁ ଋଧତାଂ ଓଁ ବୃଦ୍ଧତାମ୍ । ଓଁ କର୍ତ୍ତବେଽସ୍ମିନ୍ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବ୍ରତ କର୍ମାଣି ସ୍ୱସ୍ତି ଭବନ୍ତୋଽଧି ବ୍ରୁବନ୍ତୁ । ଓଁ ସ୍ୱସ୍ତି ଓଁ ସ୍ୱସ୍ତି ଓଁ ସୂର୍ଯ୍ୟୋ ସୋମୋଯମକାଳଃସନ୍ଧୋ ଭବାନ୍ୟହଂ କ୍ଷମା । ପବନୋ ଆଦିକ ପତିର୍ଭୂମିରାଦ୍ଭି ଶଙ୍ଖଚାମରଃ ବ୍ରହ୍ମଶାସନମା ଛାୟା କଞ୍ଚ ଧର୍ମିହସନ୍ନିଧିମ୍ । ଓଁ ତତ୍ସତ୍ ଓଁ ତତ୍ସତ୍ ଓଁ ତତ୍ସତ୍ ଅୟମାରମ୍ଭ ଶୁଭାୟ ଭବନ୍ତୁ ।

ତତଃ ସ୍ୱସ୍ତିବାଚନଂ ବରୁଣ ପୂଜାଦିକଂ କୃତ୍ୱା ସଂକଳ୍ପ କୁର୍ଯ୍ୟାତ୍ । ଦେଶକାଳବାକ୍ୟାନନ୍ତରଂ ଅମୁକସଗୋତ୍ରଃ ଶ୍ରୀମାନ୍ ଅମୁକ ଦେବଶର୍ମା । ସ୍ତ୍ରୀପକ୍ଷେ ଅମୁକ ଗୋତ୍ରାଃ ଶ୍ରୀମତୀ ଅମୁକାଦେବୀ ଐହିକ ପାରତ୍ରିକ ସୁଖଂଭୋଗାର୍ଥେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବ୍ରତ ମହଂ କରିଷ୍ୟେ ଇତି ସଂକଳ୍ପ ପ୍ରାର୍ଥୟେତ୍ ତଦ୍ ଯଥା-
ଓଁ ଧର୍ମାୟ ଧର୍ମେଶ୍ୱରାୟ ଧର୍ମପତୟେ ଧର୍ମସମ୍ଭବାୟ ନମୋ ନମଃ ।

ଓଁ ବାସୁଦେବ ସମୁଦ୍ଦିସ୍ୟଶ୍ୟ ସର୍ବପାପ ପ୍ରଶାନ୍ତୟେ ।
ଉପବାସ କରିଷ୍ୟାମି କୃଷ୍ଣାଷ୍ଟମ୍ୟାଂ ନଭସ୍ୟହଂ ॥
ଅଦ୍ୟକ୍ କୃଷ୍ଣାଷ୍ଟମୀ ଦେବୀଃ ନଭଶ୍ଚନ୍ଦ୍ର ସରୋହିଣୀଂ ।
ଅର୍ଚ୍ଚୟ ତେତୋପବାସେତ୍ ଭୋକ୍ଷ୍ୟେଽହମପରେଽହନି ॥
ଏତସେ ମୋକ୍ଷକାମୋଽସ୍ମି ଯଦ୍ ଗୋବିନ୍ଦ ତ୍ରିଯୋନିଜଂ ।
ତନ୍ନେ ମୁଞ୍ଚତୁ ମା ତ୍ରାହି ପତିତ ଶୋକସାଗରେ ॥
ଆଜନ୍ମ ମରଣଂ ଯାବତ ଜନ୍ମୟା ଦୁଷ୍କୃତଂ କୃତଂ ।
ତଦ୍ ପ୍ରାଣାଶୟ ଗୋବିନ୍ଦ ପ୍ରସୀଦ ପରମେଶ୍ୱର ॥

ଅର୍ଦ୍ଧରାତ୍ରେ ସାମାନ୍ୟ ଆସନଶୁଦ୍ଧି ଭୂତଶୁଦ୍ଧି ନ୍ୟାସ୍ୟାଦିକଂ କୃତ୍ୱା ଗଣେଶାଦି ପଞ୍ଚଦେବତା ଶିବାଦି ପଞ୍ଚଦେବତା ଇତ୍ୟାଦି ନବଗ୍ରହ ଦଶଦିଗପାଳାଦିନ ସ୍ୱସ୍ୱମନ୍ତ୍ରୈଃ ସଂପୂଜ୍ୟ କରାଙ୍ଗନ୍ୟାସୌ କୃତ୍ୱା ଶ୍ରୀକୃଷ୍ଣ ଧ୍ୟାୟେତ୍ ତଦ୍ ଯଥା---

ଓଁ ମଞ୍ଚାପି ବାଳକ ସୁପ୍ତଂ ପର୍ଯ୍ୟାଙ୍କ ସ୍ତନପାନୟନ ।
ଶ୍ରୀବତ୍ସ ବକ୍ଷଃ ପୂର୍ଣ୍ଣାଙ୍ଗ ନୀଳୋତ୍ପଳଦଳଚ୍ଛବି ॥

ତତଃ ପୀଠପୂଜା କୃଷ୍ଣଂ ଓଁ ଶ୍ରୀକୃଷ୍ଣାୟ ନମଃ ଇତି ମନ୍ତ୍ରେଣ ଷୋଡ଼ଶୋପଚାରେ ପୂଜୟେତ । ଆଗଚ୍ଛ ଦେବ ଦେବଶ ଜଗନ୍ନାଥ ଜମାପତେ । ଶୁଦ୍ଧୋଽପ୍ୟାସ୍ମିନ୍ ଅଧିଷ୍ଠାନେ ସନ୍ନି ହିତେ କୃପାଂ କୁରୁ । ଅନନ୍ତର ଷୋଡ଼ଶୋପଚାର ଦ୍ୱାରା ପୂଜା କରିବ ।

ଆସନ : ଓଁ ଦେବ ଦେବ ଜଗନ୍ନାଥ ଗରୁଡ଼ାସନ ସଂସ୍ଥିତ ।
ଗୃହାଣଂଚାସନଂ ଦିବ୍ୟ ଜଗନ୍ନାଥ ନମୋସ୍ତୁତେ ॥

ସ୍ୱାଗତ : ଓଁ ଯସ୍ୟ ଦର୍ଶନମିଚ୍ଛନ୍ତି ଦେବାଃ ସ୍ୱ ହରାଜୟଃ ।
କୃପୟା ଦେବଦେବେଶ ମମ ଗୃହେ ସନ୍ନିଧି ଭବ ।
ତସ୍ମୈତେ ପରମେଶାନ ସ୍ୱାଗତଂ ଭବେତ୍ ॥

ପାଦ୍ୟ : ଓଁ ନାନା ତୀର୍ଥଜଳଂ ଶୁଦ୍ଧଂ ନିର୍ମଳଂ ପୁଷ୍ପ ବାସିତଂ ।
ପାଦ୍ୟ ଗୃହାଣଦେତ୍ୟାରେ ବିଶ୍ୱକାୟ ନମୋସ୍ତୁତେ ॥
ଇତି ପାଦ୍ୟଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ଅର୍ଘ୍ୟ : ଓଁ ଗନ୍ଧପୁଷ୍ପାକ୍ଷତେତ ପେତଂ ଫଳେନ ଚ ସମନ୍ୱିତଂ ।
ଅର୍ଘ୍ୟଂ ଗୃହାଣ ଦେବେଶ ମୟା ଦତ୍ତଂହି ଭକ୍ତିତଃ ॥
ଓଁ ଯଜ୍ଞାୟଯଜ୍ଞେଶ୍ୱରାୟ ଯଜ୍ଞପତୟୋ ଯଜ୍ଞୋସମ୍ଭବାୟ ଗୋବିନ୍ଦାୟ ନମୋନମଃ । ଇତିମର୍ଘ୍ୟଂ ଓଁ ଶ୍ରୀକୃଷ୍ଣାୟ ନମଃ ।
ଆଚମନୀୟ ଓଁ ଗଙ୍ଗାଦି ସର୍ବତୀର୍ଥେଭ୍ୟୋ ଭକ୍ତ୍ୟାନୀତଂ ସୁଶୀତଳଂ ।
ଗୃହାଣ ଚମନଂ କୃଷ୍ଣ ବିଶ୍ୱକାୟ ନମୋସ୍ତୁତେ ।
ଇତି ଆଚମନୀୟଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ମଧୁପର୍କ : ଓଁ ଦଧିକ୍ଷୌଦ୍ରଘୃତୈର୍ଯୁକ୍ତଂ କତଲାୟଃ ସୁଗନ୍ଧଯତ୍ ।
ମସ୍ୱାଦୁ ମଧୁରଂ କ୍ଷୀରେ ମଧୁପର୍କ ମଧୁପର୍କଂ ଗୃହାଣମେ ॥
ଇତି ମଧୁପର୍କଂ ଓଁ ଶ୍ରୀକୃଷ୍ଣାୟ ନମଃ ।
ଆଚମନଂ ପୂର୍ବବତ୍

ପଞ୍ଚାମୃତ ସ୍ନାନ : ଓଁ ପଞ୍ଚାମୃତେନ ସ୍ନାପନଂ କରିଷ୍ୟାମିସୁରେଶ୍ୱରୀଂ ।
କ୍ଷୀରୋଦଧି ନିବାସାୟ ଲକ୍ଷ୍ମୀକାନ୍ତାୟ ତେନମଃ ॥
ଇତି ପଞ୍ଚାମୃତେ ସ୍ନାନଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ସ୍ନାନ : ଓଁ ମନ୍ଦାକିନୀ ଗୌତମୀ ଚ ଯମୁନା ଚ ସରସ୍ୱତୀ ।
ଜଲ୍ୟାଃ ସ୍ନାନାର୍ଥମାନୀତଂ ଗୃହାଣ ଶୀତଳଂ ଜଳ ।
ଓଁ ଯୋଗାୟ ଯୋଗେଶ୍ୱରାୟ ଯୋଗପତୟେ ଯୋଗସମ୍ଭବାୟ ।
ଗୋବିନ୍ଦାୟ ନମଃ ଇଦଂ ସ୍ନାନାୟ ଓଁ ଶ୍ରୀକୃଷ୍ଣାୟ ନମଃ ।

ବସ୍ତ୍ର : ଓଁ ପୀତାମ୍ବରଯୁଗଂ ଦେବ ସର୍ବକାମାର୍ଥସିଦ୍ଧୟେ ।
ମୟା ନିବେଦିତଂ ଭକ୍ତ୍ୟା ଗୃହାଣ ପୁରୁଷୋତ୍ତମଂ ॥
ଇତି ବସ୍ତ୍ରଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ଯଜ୍ଞସୂତ୍ର : ଓଁ ଶ୍ରୀରାମଚ୍ୟୁତ ଯଜ୍ଞେଶ ଶ୍ରୀରାଧାଧର ମାଧବ ।
ଯଜ୍ଞସୂତ୍ରଂ ଚୋତ୍ତରୀୟଂ ଗୃହାଣ ସୁରସତ୍ତମ ।
ଇତି ଯଜ୍ଞସୂତ୍ରଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ଆଭରଣଂ : ଓଁ କିରୀଟ କୁଣ୍ଡଳାଦୀନି କଙ୍କନ ବଳୟଂ ଯୁତ ।
ଗୃହାଣ ବନମାଳୀଂ ଚ ଭୂଷଣଂ ଜଗତ ପ୍ରଭୋ ।
ଇତି ଭୂଷଣାନି ଓଁ ଶ୍ରୀକୃଷ୍ଣାୟ ନମଃ ।

ଚନ୍ଦନ : ଓଁ ମଳୟାଚଳସମ୍ଭୁତା ଗନ୍ଧସାର ସମନ୍ୱିତଂ ।
ହୃଦୟାନନ୍ଦ କୃପାଳୁ ଚନ୍ଦନଂ ପ୍ରତିଗୃହ୍ୟତାମ୍ ।
ଇତି ଚନ୍ଦନଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ପୁଷ୍ପ : ଓଁ ମାଳତୀ ଚମ୍ପକାଦୀନି କୁନ୍ଦକା ବକୁଳାନି ଚ ।
ତୁଳସୀପତ୍ର ମିଶ୍ରେଣ ଗୃହାଣ ସୁରସତ୍ତମ ॥
ଇତି ପୁଷ୍ପଂ ସ୍ନାନଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ଧୂପଂ : ଓଁ ବନସ୍ପତି ରସୋଦିବ୍ୟୋ ଗନ୍ଧାଢ୍ୟଃ ସୁମନୋହରଃ ।
ଆଘ୍ରେୟଃ ସର୍ବଦେବାନାଂ ଧୂପୋୟଂ ପ୍ରତିଗୃହ୍ୟତାଂ ।
ଇତି ଧୂପଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ଦୀପଂ : ଓଁ ଆଜ୍ୟତ୍ର ବର୍ତ୍ତିସଂଯୁକ୍ତ ବହ୍ନିନା ଯୋଜିତଂ ମୟା ।
ଦୀପଂ ଗୃହାଣ ଦେବେଶ ତ୍ରୈଲୋକ୍ୟ ତିମିରାପହ ।
ଇତି ଦୀପଂ ଓଁ ଶ୍ରୀକୃଷ୍ଣାୟ ନମଃ ।

## (ଗୋପାଳ ମନ୍ତ୍ରରେ ଉତ୍ସର୍ଗ କଲା ଉତ୍ତାରୁ)

ନୈବେଦ୍ୟ : ଓଁ ଶାଲ୍ୟଉର୍ଣ୍ଣନସପାୟସ୍ୟଂ ସିତାଘୃତାଦିମିଶ୍ରିତଂ
ନାନାପକ୍ୱାନ୍ନ ସଂଯୁକ୍ତ ନୈବେଦ୍ୟଂ ପ୍ରତିଗୃହ୍ୟତାଂ ।
ନୈବେଦ୍ୟ ଗୃହ୍ୟତାଂ ଦେବଂ ଭକ୍ତିସ୍ୟ ମର୍ଜନଂ କୁରୁ
ଇପ୍ସିତଂ ବରମେ ଦେହି ପରତ୍ରାଚ ପରାଗତି ।

ଇତି ନୈବେଦ୍ୟ ଓଁ ବିଶ୍ୱେଶ୍ୱରାୟ ବିଶ୍ୱପତୟେ ବିଶ୍ୱସମ୍ଭବାୟ ଗୋବିନ୍ଦାୟ ନମୋନମଃ ଓଁ ଶ୍ରୀକୃଷ୍ଣାୟ ନମଃ ।

ଜଳଂ : ଓଁ ଜଳଞ୍ଚ ଶୀତଳଂ ଦେବଂଗନ୍ଧାଦୈଃଶ୍ଚ ସୁମନୋହରଂ
ଉତ୍ତମଂ ଦେବଦେବେଶ ଗୃହାଣ ପରମେଶ୍ୱରଂ ।
ଇତି ଜଳଂ ଓଁ ଶ୍ରୀକୃଷ୍ଣାୟ ନମଃ ।

ଆଚମନଂ : ପୂର୍ବବତ୍ ।

ତାମ୍ବୁଳଂ : ଓ ପୁଙ୍ଗୀଫଳଂ ମହାଦିବ୍ୟଂ ନାଗବଲ୍ଲୀଳ ଦଳୈଯୁତା ଦଳୈୟତାଂ
କର୍ପୂରାଦିସମାଯୁକ୍ତଂ ତାମ୍ବୁଳଂ ପ୍ରତିଗୃହ୍ୟତାମ୍ ।
ଇତି ତାମ୍ବୁଳଂ ଓ ଶ୍ରୀକୃଷ୍ଣାୟ ନମଃ ।
ଗୁଡ଼ମିଶ୍ରିତଂ ଓଁ ଶ୍ରୀଦେବସୋଧରାଂ ଦଦ୍ୟାତ୍ ଉଦିତେଶିଶିନି

ପୁଷ୍ପ : କୁଶଚନ୍ଦନଜଳଫଳପତଣ୍ଡୁଳ ତୁଳସୀ ପୁଷ୍ପଶଙ୍ଖଜଳେନାର୍ଘ୍ୟଂ
ଦଦ୍ୟାତ୍ । ମନ୍ତ୍ରୋ ଯଥା–

ଓଁ କ୍ଷୀରୋଦାର୍ଣ୍ଣବସମ୍ଭୂତା ଅତ୍ର ନେତ୍ରସମୁଦ୍ଭବ ।
ଗୃହାଣାର୍ଘ୍ୟଂ ଶଶାଙ୍କେନଂ ରୋହିଣ୍ୟଂ ସହିତେ ନମଃ ॥

ଓଁ ସୋମାୟ ସୋମେଶ୍ୱରାୟ ସୋମପତୟେ ସୋମବାନ୍ଧୁ ଗୋବିନ୍ଦାୟ ନମୋନମଃ । ତତୋ ନମସ୍କାରଃ ।

ନମଃ ନମସ୍ତେ ରୋହିଣୀକାନ୍ତସୁଧାବାସ ନମୋସ୍ତୁତେ । ନଭୋମଣ୍ଡଳଂ ଦୀପାୟ ଶିରୋଦାୟ ଧୂର୍ଜଟେଃ ।

କାଳଭିର୍ଣ୍ଣମାନୀ ନମସ୍ତୁଭ୍ୟ ଗୁରୁବେ ।
ତତଃ କୃଷ୍ଣନାମ ସଂକୀର୍ତ୍ତନଂ କୃତ୍ୱା କଥା ଶୃଣୁୟାତ୍ ।
ନାମ କୀର୍ତ୍ତନ ମନ୍ତ୍ରୋ ଯଥା–

ଓଁ ଅନନ୍ତଂ ବାମନ ଶୌରୀଂ ବୈକୁଣ୍ଠ ପୁରୁଷୋତ୍ତମଃ ବାସୁଦେବଂ ହୃଷୀକେଶ ମାଧବ ମଧୁସୂଦନ ।

ବରାହଂ ପୁଣ୍ଡରୀକାକ୍ଷଂ ନୃସିଂହଂ ଦୈତ୍ୟସୂଦନଂ
ଦାମୋଦରଂ ପଦ୍ମନାଭଂ କେଶବଂ ଗରୁଡ଼ଧ୍ୱଜଃ ।

ଗୋବିନ୍ଦମଚ୍ୟୁତ କୃଷ୍ଣମନନ୍ତମପରାଜିତ,
ଅଧୋକ୍ଷଜ ଜଗନ୍ନାଥ ସର୍ବସ୍ଥାତାବକାରିଣ ।
ଅନାଦିଧନଂ ବିଷ୍ଣୁ ତ୍ରିଲୋକେଶ ତ୍ରିବିକ୍ରମଃ ।
ନାରାୟଣ ଚତୁର୍ବାହୁ ଶଙ୍ଖଚକ୍ର ଗଦାଧର ।
ପୀତାମ୍ବର ଧରା ନିତ୍ୟ ବନମାଳ ବିଭୂଷିତଂ ।
ଶ୍ରୀବତ୍ସାଙ୍କଂ ଜଗଦ୍ସେତୁଂ ଶ୍ରୀକୃଷ୍ଣ ଶ୍ରୀଧରଂ ହରି ।
ପ୍ରସନ୍ନେହଂ ସଦାଦେବିଂ ସର୍ବକାମାର୍ଥ ସିଦ୍ଧୟେ ।
ପ୍ରଣମାମି ସର୍ବଦେବଂ ଜଗନ୍ନାଥ ଜଗପ୍ରତି ।

ପରଦିନ ପ୍ରାତଃସ୍ନାନାଦି ନିତ୍ୟକର୍ମ ସମାପ୍ୟ, କୃଷ୍ଣପୂଜା ଦୁର୍ଗାପୂଜା ନନ୍ଦୋତ୍ସବଂ କୃତ୍ୱା, ବ୍ରାହ୍ମଣଭୋଜନ ଦକ୍ଷିଣାଂ ଦତ୍ତ୍ୱା "ସୁବର୍ଣ୍ଣାଦି ଚ ଯତ୍କିଞ୍ଚିତ୍ କୃଷ୍ଣ ମେ ପ୍ରୀୟତାଂହରେ" ॥ ଇତି ମନ୍ତ୍ରେ ବ୍ରାହ୍ମଣେ ଦକ୍ଷିଣାଂ ଦତ୍ତ୍ୱା ।

ଯଂ ଦେବଂ ଦେବକୀ ଦେବୀ ବାସୁଦେବ ଜନାର୍ଦ୍ଦନ ।
ଭୌମସ୍ୟ ବ୍ରାହ୍ମଣେ ଗୁପ୍ତେ ତସ୍ମୈ ବ୍ରହ୍ମମନେ ନମଃ ॥
ସୁବ୍ରହ୍ମ ବାସୁଦେବାୟ ଗୋ- ବ୍ରାହ୍ମଣ ହିତାୟ ଚ ।
ଶାନ୍ତିରସ୍ତୁ ଶିବଂ ଚସ୍ତୁ ଭକ୍ତ୍ୟାୟାଂ ପୂଜି-ତୋହରେ ॥

ସମର୍ପଣ ମନ୍ତ୍ରୋ ଯଥା-
ଓଁ ଭୂତାୟ ଭୂତେଶ୍ୱରାୟ ଭୂତପତୟେ ଗୋବିନ୍ଦାୟ ନମୋନମଃ ।
ପାରଣ ମନ୍ତ୍ରୋ ଯଥା-
ଓଁ ସର୍ବାୟ ସର୍ବେଶ୍ୱରାୟ ସର୍ବପତୟେ ସର୍ବ ସମ୍ଭବାୟ ଗୋବିନ୍ଦାୟ ନମୋନମଃ ।

## ପାରଣ ବିଧି

ଅଷ୍ଟମ୍ୟାଂ ରୋହିଣ୍ୟାଂ ଚ ନ କୁର୍ଯ୍ୟାତ୍ ପାରଣଂ ତଥା ।
ହନ୍ୟାତ୍ ପୁରାକୃତଂ କର୍ମ ଉପବାସାର୍ଜ୍ଜିତ ଫଳଂ । (ଭବିଷ୍ୟେ)

ରୋହିଣୀ ନକ୍ଷତ୍ରଯୁକ୍ତ ଅଷ୍ଟମୀରେ କଦାପି ପାରଣ କରିବ ନାହିଁ, କଲେ ପୂର୍ବଜନ୍ମକୃତ ଉପବାସାଦିର ଫଳ ବିନଷ୍ଟ ହୋଇଯାଏ ।

ତିଥିନକ୍ଷତ୍ର ସଂଯୋଗ ଉପବାସୋ ଯଦା ଭବେତ୍ ।
ପାରଣଂ ତୁ ନ କର୍ତ୍ତବ୍ୟ ଯାବତେ ନସ୍ୟ ସଂଶୟଃ ॥

ଯେଉଁ ତିଥି ନକ୍ଷତ୍ର ଯୋଗରେ ଉପବାସ କରିବ, ସେଥିରୁ ଏକର କ୍ଷୟ ବ୍ୟତିରେକରେ ପାରଣ କରିବ ନାହିଁ । ଇତି ପୂଜାବିଧି ସଂପୂର୍ଣ୍ଣ ।

smarteduguide.com